## ୩ ମନ୍ଦିରରୁ ଚୋରି, ଜଣେ ଗିରଫ



ସମ୍ବଲପୁର,୨୦।୨(ସମିସ):ତିନି ଦିନରେ ତିନୋଟି ମନ୍ଦିରରୁ ବିଗ୍ରହ ମୂର୍ତ୍ତି, ଘଣ୍ଟି ଆଦି ଚୋରି କରିଥିବା ଅଭିଯୋଗରେ ଟାଉନ ପୁଲିସ ଜଣକୁ ଗିରଫ କରିଛି । ସେ ହେଉଛି ସୁନ୍ଦରଗଡ଼ ଲେଫରିପଡ଼ା ଥାନା ଚିନୁପଡ଼ାର ରଜନୀକାନ୍ତ ଭଇଁସାଲ(୨୫) ଓରଫ ମୁନୁ । ଗତ ୧୭ ତାରିଖ ସନ୍ଧ୍ୟାରେ ଅଭିଯୁକ୍ତ ବାଲିବନ୍ଧା ସୋମନାଥ ବାବଙ୍କ ମନ୍ଦିରରୁ ଗଣେଶ ବିଗ୍ରହଙ୍କ ମୂର୍ତ୍ତି ଚୋରି କରି ନେଇ ଯାଇଥିଲା । ଏନେଇ ମନ୍ଦିର ପରିଚାଳନା ବୋର୍ଡ ପକ୍ଷରୁ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଅଭିଯୁକ୍ତକୁ ଗିରଫ କରିଛି । ତଦନ୍ତ ବେଳେ ୧୬ ତାରିଖ ମୁଦିପଡ଼ା ଓ ୧୫ ତାରିଖ ଲିମସେରନ ଅଞ୍ଚଳର ମନ୍ଦିରରୁ ମଧ୍ୟ ଚୋରି କରିଥିବା ଖବର ପାଇଥିଲା । ପୁଲିସ ଅଭିଯୁକ୍ତ ନିକଟରୁ ମୂର୍ତ୍ତି ସହ ବଡ଼ ଘଣ୍ଟି ଗୋଟାଏ ଓ ଛୋଟ ଘଣ୍ଟି ୪ଟି ଜବତ କରିଛି । ଗିରଫ ପରେ କୋର୍ଟ ଚାଲାଣ କରିଛି ।

## ସାଇବର ଠକେଇ ମାମଲାରେ ୩ ଗିରଫ

ଝାରବନ୍ଧ,୨୦।୨(ସମିସ): ଝାରବନ୍ଧ ପୁଲିସ ୩ ଜଣ ସାଇବର ଠକଙ୍କୁ ଗିରଫ କରିଛି । ,ମାନେ ହେଲେ କଳାହାଣ୍ଡି ଜିଲ୍ଲା ନର୍ଲା ଥାନା ମଦନପୁର ରାମପୁର (ବାଟେଲ) ଗ୍ରାମର ଆରତ ହରିଜନ (୨୯), ଗାଇସିଲଟ ବ୍ରାହ୍ମଣପଡ଼ାର ସାହିଲ ହୋତା (୨୫) ଓ ବରଗଡ଼ ସଦର ଥାନା ପିପିଲିପାଲିର ସମୀର ସାହୁ (୨୦) ।

ଆରତ ବରଗଡ଼ର ଏକ ସଫି ମଲ୍‌ରେ କାମ କରୁଥିବା ସମୟରେ ସାଇବର ଠକେଇ ଗ୍ୟାଙ୍ଗ ସହ ସହ ଜଡିତ ହୋଇଥିଲା । ସେ ଗୋଟିଏ ବ୍ୟାଙ୍କ ଆକାଉଣ୍ଟ ପିଛା ୧୦ ହଜାରରୁ ୨୦ ହଜାର ଟଙ୍କା ଦେଇ ବିଭିନ୍ନ ଲୋକଙ୍କ ବ୍ୟାଙ୍କ ପାଶ୍ ବହି, ଏଟିଏମ କାର୍ଡ ଓ ଚେକ୍ ବହି ସଂଗ୍ରହ କରିଥିଲା । ଏହାକୁ ନିଜ ନିୟନ୍ତ୍ରଣରେ ରଖି ଅବୈଧ ଭାବେ ଲକ୍ଷାଧିକ ଟଙ୍କାର ଟ୍ରାଞ୍ଜାକ୍ସନ କରୁଥିଲା । ସମୀର ଏଥିରେ ସକ୍ରିୟ ଭୂମିକା ନେଇଥଲା । ସେମାନେ ବିଭିନ୍ନ ବ୍ୟକ୍ତିଙ୍କଠାରୁ ବ୍ୟାଙ୍କ ଆକାଉଣ୍ଟ ପାଶ୍ ବହି ଓ ଏଟିଏମ କାର୍ଡ ସଂଗ୍ରହ କରି ମୁଖ୍ୟ ଅଭିଯୁକ୍ତଙ୍କୁ ଯୋଗାଇ ଦେଉଥିଲେ । ଶେଷରେ ଥାନା ଅଧିକାରୀ ଶୁକ୍ରା ମାଝି, ଏଏସଆଇ ଗୟାରମ ଷଣ୍ଢ, କନେଷ୍ଟବଳ ଚିତ୍ତରଞ୍ଜନ ପଣ୍ଡା ଓ ହୋମଗାର୍ଡ ସୁମିତ ଭୋଇ ଏମାନଙ୍କୁ ଧରିଛନ୍ତି । ତଦନ୍ତ ସମୟରେ ଝାରବନ୍ଧ ବ୍ଲକର କୁମୀର ଓ ଦେୱାନପାଲି ଗ୍ରାମର ଦୁଇ ଛାତ୍ରଙ୍କ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ମୋଟ ୨୯,୨୯,୪୨୭ ଟଙ୍କାର ଅବୈଧ କାରବାର ହୋଇଥିବା ମଧ୍ୟ ପ୍ରକାଶ ପାଇଛି । ଏ ନେଇ ଝାରବନ୍ଧ ଥାନାରେ ମାମଲା ରୁଜୁ କରାଯାଇଥିଲା । ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ୪ଟି ବ୍ୟାଙ୍କ ପାଶ୍ ବହି, ୧୧ଟି ଏଟିଏମ କାର୍ଡ, ୨ଟି ମୋବାଇଲ ଫୋନ ସହ ବ୍ୟାଙ୍କ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି ।



**ସମ୍ବଲପୁର ଡିଭିଜନର ସମସ୍ତ ୯ ରେଞ୍ଜରେ ବିକ୍ଷୋଭ**

# ପତ୍ର ଦାମ ବୃଦ୍ଧି କରିବାକୁ କହି ଠକି ଦେଲେ ମୁଖ୍ୟମନ୍ତ୍ରୀ



ସମ୍ବଲପୁର,୨୦।୨(ସମିସ): ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତିଙ୍କ ଆହ୍ୱାନରେ ଓଡ଼ିଶାର ୨୨ଟି ଜିଲ୍ଲାର ଶତାଧିକ ରେଞ୍ଜରେ ଦୁଇଦିନିଆ ଗଣଧାରଣା ଘୋଷଣା ହୋଇଛି । ଶୁକ୍ରବାର ସମ୍ବଲପୁର ଡିଭିଜନର ସମସ୍ତ ୯ଟି ରେଞ୍ଜରେ ଗଣବିକ୍ଷୋଭ ଓ ଧାରଣା କାର୍ଯ୍ୟକ୍ରମ ସଫଳ ଭାବେ ଅନୁଷ୍ଠିତ ହୋଇଛି । ଶତାଧିକ ତୋଳାଳି ଓ ସିଜନାଲ୍ କର୍ମଚାରୀ ନିଜ ନିଜ ଦାବି ନେଇ ଧାରଣାରେ ସାମିଲ ହୋଇଥିଲେ । କେନ୍ଦୁପତ୍ର ତୋଳାଳୀଙ୍କ କେରି ପ୍ରତି ଦର ବୃଦ୍ଧି, ସିଜନାଲ୍ କର୍ମଚାରୀଙ୍କୁ ସର୍ବନିମ୍ନ ମଜୁରୀ ୨୦୨୪ ଅନୁପାତରେ ପ୍ରଦାନ, ବନ୍ଧେଇ ଶ୍ରମିକଙ୍କ ବଣ୍ଡଲ୍ ପ୍ରତି ଦର ବୃଦ୍ଧି, ବୋନସ୍ ଘୋଷଣା, ସାମାଜିକ ନିରାପତ୍ତା ପାଇଁ ୨୦୦ କୋଟି ଟଙ୍କା ବଜେଟ୍ ପ୍ରାବଧାନ ଓ ମୃତ୍ୟୁକାଳୀନ ସହାୟତାକୁ ୪ ଲକ୍ଷ ଟଙ୍କା କରିବା, କେ ଏଲ ଡି ବିରେ ସଂଶୋଧନ, କେନ୍ଦୁପତ୍ର ସଂସ୍ଥାରେ ଘରୋଇ କରଣକୁ ବନ୍ଦ୍ ଆଦି ଦାବି ଉପରେ ସଂଘ ପକ୍ଷରୁ ଜୋର ଦିଆଯାଇଥିଲା । ଏହାସହ କେନ୍ଦୁପତ୍ର ଫଡ଼ି ଉଚ୍ଛେଦ ଓ ପ୍ରସ୍ତାବିତ ଘରୋଇକରଣ ପ୍ରତିବାଦରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା । ଉପ ସଭାପତି ଗୋକୁଳ ମେହେର, ରାଜ୍ୟ ସଂଗଠନ ସମ୍ପାଦକ ସଞ୍ଜିତ ମହାନ୍ତି ଓ ମିଡିଆ ସଂଯୋଜକ ଦେବଜ୍ୟୋତି ପଟ୍ଟନାୟକ ସମସ୍ତ ରେଞ୍ଜ ଗସ୍ତ କରି ତୋଳାଳୀ ଓ କର୍ମଚାରୀଙ୍କୁ ଉଦବୋଧନ ଦେଇଥିଲେ । ଶ୍ରୀ ମହାନ୍ତି କହିଥିଲେ ଦାବୀ ପୂରଣ ନହେଲେ ଆଗାମୀ ୨୭ ଫେବୃଆରୀରେ ସମ୍ବଲପୁର ସହ ରାଜ୍ୟ ତମାମ ରାସ୍ତା ରୋକ ଆନ୍ଦୋଳନକୁ ତୀବ୍ର କରାଯିବ । ବିକ୍ଷୋଭରେ ରେଞ୍ଜ ସମ୍ପାଦକ ଦିଲେଶ୍ୱର ପ୍ରଧାନ, ସୁମନ ପ୍ରଧାନ, ଧନେଶ୍ୱର ଖୁଣ୍ଟଲା, ଗଂଧିର ସାହୁ, କୃଷ୍ଣ ମିର୍ଦ୍ଧା, କୃଷ୍ଣ ବାଗ, ଟଙ୍କଧର ପ୍ରଧାନ, ଅନାଦି ମିର୍ଦ୍ଧା, ପ୍ରମୋଦ ବିଶ୍ୱାଳ, ପ୍ରଶାନ୍ତ ଦୀପ, କୃପା ଘୁଟା, ନାରାୟଣ ମହାପାତ୍ର,ହର ମୁଦୁଲି ପ୍ରମୁଖଙ୍କ ନେତୃତ୍ୱରେ ସମସ୍ତ ରେଞ୍ଜରେ ଶତାଧିକ ତୋଳାଳି ଓ କର୍ମଚାରୀ ସାମିଲ ଥିଲେ ।

## ରେଢ଼ାଖୋଲ ଡିଭିଜନର ୯ ରେଞ୍ଜରେ ଧାରଣା

ରେଢ଼ାଖୋଲ,୨୦।୨(ସମିସ): ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଘୋଷିତ ଦୁଇଦିନିଆ ଗଣଧାରଣାର ପ୍ରଥମ ଦିନରେ ରେଢ଼ାଖୋଲ ଡିଭିଜନର ସମସ୍ତ ୯ଟି ରେଞ୍ଜରେ ଗଣ ବିକ୍ଷୋଭ ଓ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରେଢ଼ାଖୋଲର ସମସ୍ତ ରେଞ୍ଜରେ ଶତାଧିକ ତୋଳାଳୀ ଓ ସିଜନାଲ୍ କର୍ମଚାରୀ ନିଜ ନିଜ ଦାବି ନେଇ ଧାରଣାରେ ସାମିଲ ହୋଇଥିଲେ । କେନ୍ଦୁପତ୍ର ତୋଳାଳିଙ୍କ କେରି ପ୍ରତି ଦର ବୃଦ୍ଧି, ସିଜନାଲ୍ କର୍ମଚାରୀଙ୍କୁ ସର୍ବନିମ୍ନ ମଜୁରୀ ୨୦୨୪ ଅନୁପାତରେ ପ୍ରଦାନ, ବନ୍ଧେଇ ଶ୍ରମିକଙ୍କ ବଣ୍ଡଲ୍ ପ୍ରତି ଦର ବୃଦ୍ଧି, ବୋନସ୍ ଘୋଷଣା, ସାମାଜିକ ନିରାପତ୍ତା ପାଇଁ ୨୦୦ କୋଟି ଟଙ୍କା ବଜେଟ୍ ପ୍ରାବଧାନ ଓ ମୃତ୍ୟୁକାଳୀନ ସହାୟତାକୁ ୪ ଲକ୍ଷ ଟଙ୍କା କରିବା ଆଦି ଦାବୀ ଉପରେ ସଂଘ ପକ୍ଷରୁ ଜୋର ଦିଆଯାଇଥିଲା । ଏହାସହ କେନ୍ଦୁପତ୍ର ଫଡ଼ି ଉଚ୍ଛେଦ ଓ ପ୍ରସ୍ତାବିତ ଘରୋଇକରଣ ପ୍ରତିବାଦରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା । ରାଜ୍ୟ ସଂଗଠନ ସମ୍ପାଦକ ସଞ୍ଜିତ ମହାନ୍ତି, ଡିଭିଜନ ସମ୍ପାଦକ କିଶୋର ପ୍ରଧାନ ଓ ଯୁଗ୍ମ ସମ୍ପାଦକ ଉଦିତ ତ୍ରିପାଠୀ, ମିଡ଼ିଆ ସଂଯୋଜକ ଦେବ ଜ୍ୟୋତି ପଟ୍ଟନାୟକ ସମସ୍ତ ରେଞ୍ଜ ଗସ୍ତ କରି ତୋଳାଳୀ ଓ କର୍ମଚାରୀଙ୍କୁ ଉଦବୋଧନ ଦେଇଥିଲେ । ଶ୍ରୀ ମହାନ୍ତି ଦାବୀ ପୂରଣ ନହେଲେ ଆଗାମୀ ୨୭ ଫେବୃଆରୀରେ ରେଢ଼ାଖୋଲ ସହ ରାଜ୍ୟ ତମାମ ରାସ୍ତା ରୋକ ଆନ୍ଦୋଳନକୁ ତୀବ୍ର କରାଯିବ, ଏଥିରେ ପ୍ରସ୍ତୁତି ନେବାକୁ ଆହ୍ୱାନ ଜଣାଇଥିଲେ । ଆଜିର ବିକ୍ଷୋଭରେ ରେଞ୍ଜ ସମ୍ପାଦକ ଅଖୋଜ ପ୍ରଧାନ, ଭିକାରି ପ୍ରଧାନ, ଜିତେନ୍ଦ୍ରିୟ ଷଣ୍ଢ, ନୀଳାଦ୍ରି ପ୍ରଧାନ, ଅରୁଣ ପ୍ରଧାନ, ପ୍ରମୋଦ ସାହୁ, ଟିକେଶ୍ୱର ଝାଙ୍କର ,ଦିଲୀପ ନନ୍ଦ, ଜଗବନ୍ଧୁ ଜେନା, ଦଇତାରୀ ମିର୍ଦ୍ଧା, ସତ୍ୟବାଦୀ ନାୟକ, ଶଶିଭୂଷଣ ପ୍ରଧାନ, ମକରଧ୍ୱଜ ପ୍ରଧାନ, ଯୁଧିଷ୍ଠିର ପ୍ରଧାନ, ପ୍ରଫୁଲ୍ଲ ସ୍ୱାଇଁ ପ୍ରମୁଖଙ୍କ ନେତୃତ୍ୱରେ ସମସ୍ତ ରେଞ୍ଜ ରେ ଶତାଧିକ ତୋଳାଳୀ ଓ କର୍ମଚାରୀଙ୍କୁ ନେଇ ଧାରଣା ଓ ବିକ୍ଷୋଭ ସମାବେଶ ହୋଇଥିଲା ।



# ରାସେଶ୍ୱରୀ ପାଣିଗ୍ରାହୀଙ୍କ ସ୍ମୃତିରେ ନାଗରିକ ସଭା

ସମ୍ବଲପୁର,୨୦।୨(ସମିସ):ଡ. ରାସେଶ୍ୱରୀ ପାଣିଗ୍ରାହୀ ଥିଲେ ଦେବୀ ସ୍ୱରୂପା । ଉଭୟ ସମାଜ ସେବା ଓ ଧର୍ମକାର୍ଯ୍ୟର ଏକ ସୁନ୍ଦର ସମନ୍ୱୟ ତାଙ୍କ ବ୍ୟକ୍ତିତ୍ୱରେ ରହିଥିଲା । ପୃଷ୍ଟପୋଷକତା ସହ ଅଭିଭାବକତ୍ୱର ମହତ ଗୁଣନେଇ ସେ ସମାଜ ସେବାରେ ନିଜକୁ ଆଜୀବନ ନିୟୋଜିତ କରି ରଖିଥିଲେ ବୋଲି ଆଜି ଡ. ରାସେଶ୍ୱରୀ ପାଣିଗ୍ରାହୀ ସ୍ମୃତିରେ ଡ. ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ତପସ୍ୱିନୀ ଜିଲ୍ଲା ପ୍ରେକ୍ଷାଳୟ ଠାରେ ଆୟୋଜିତ ସଭାରେ ଆଲୋଚନା ହୋଇଥିଲା । ସଭାରେ ଟ୍ରଷ୍ଟ ସଭାପତି ପ୍ର. ଶଙ୍କର ପ୍ରସାଦ ପତିଙ୍କ ସମେତ ବରିଷ୍ଠ ଶିକ୍ଷାବିତ ଅରବିନ୍ଦ ମହାପାତ୍ର,ଟ୍ରଷ୍ଟର ବରିଷ୍ଠ ମହିଳା ସଦସ୍ୟା ଡ. ନିରୂପମା ବଡପଣ୍ଡା,ସଂସ୍କୃତିବିତ ଡ. ଶ୍ୟାମ ସୁନ୍ଦର ଧର ଓ ବରିଷ୍ଠ ସମାଜସେବୀ ପ୍ରଫୁଲ୍ଲ କୁମାର ହୋତାଙ୍କୁ ନେଇ ସଭାପତି ମଣ୍ଡଳୀ ଗଠିତ କରାଯାଇ ସଭାକାର୍ଯ୍ୟକୁ ଆଗେଇ ନିଆଯାଇଥିଲା । ଟ୍ରଷ୍ଟର ସଦସ୍ୟ ଶିବଶଙ୍କର ନନ୍ଦଙ୍କ ସଂଯୋଜନାରେ ହୋଇଥିବା ଏହି ସଭାରେ ହୀରାଖଣ୍ଡ ନାଗରିକ ପରିଷଦ,ସମ୍ବଲପୁର ବରିଷ୍ଠ ନାଗରିକ ସମାଜ,ଧନକଉଡା ବରିଷ୍ଠ ନାଗରିକ ସଂଘ,ଜଗନ୍ନାଥ ମନ୍ଦିର ବରିଷ୍ଠ ନାଗରିକ ସଂଘ,ନାରୀସେବା ସଂଘ,ମାରୱାଡି ମହିଳା ସଂଘ,ସତ୍ୟସାଇ ସେବା ସଂଘ,ସମ୍ବଲ,ଉତ୍କଳ ପ୍ରାଦେଶିକ ମାରୱାଡି ସଂଘ,କୋଶଳ ବ୍ୟବସାୟୀ ସଂଘ,ଯୁବ ଉଦୟନ,ଭୀମ ଭୋଇ ସାହିତ୍ୟ ସଂସଦ,ସମ୍ବଲପୁର କଳା ପରିଷଦ,ପଣ୍ଡିତ ଲକ୍ଷ୍ମୀନାରାୟଣ ସାଂସ୍କୃତିକ ସମାଜ,ମାଁ ଲିମସରିଏନ ଯୁବକ ସଂଘ,ଇଣ୍ଡିଏନ ମେଡିକାଲ ଏସୋସିଏସନ ସମ୍ବଲପୁର,ଜିଲ୍ଲା ଓକିଲ ସଂଘ ଭଳି ସମ୍ବଲପୁରର ପଞ୍ଚଷଠିରୁ ଉର୍ଦ୍ଧ୍ୱ ଅନୁଷ୍ଠାନର କର୍ମକର୍ତ୍ତାମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଜେ. ଗିରିଜା ଦେବୀ,ଡ. ଅଶୋକ କୁମାର ପଣ୍ଡା,ଡା ତନ୍ମୟ ପାଢୀ,ସୁରେଶ୍ୱର ମିଶ୍ର, ଡ. ଗୁଣସାଗର ଦାଶ,ସିଦ୍ଧାର୍ଥ ଦାଶ,ଜୟଦେବ ବଗର୍ତ୍ତି, ଡ. ଲୁରାବତୀ ନାୟକ, ଟ୍ରଷ୍ଟ ସମ୍ପାଦକ ସୁଧୀର ପୂଜାରୀ,କବିତା ପୁରୋହିତ,ରାମଦାସ ପଣ୍ଡା, ସୁଧୀର ପଣ୍ଡା ପ୍ରମୁଖ ସ୍ୱର୍ଗତ ଡା. ପାଣିଗ୍ରାହୀଙ୍କ ସ୍ମୃତିଚାରଣ କରିଥିଲେ । ଡ. ପାଣିଗ୍ରାହୀଙ୍କ ସ୍ମୃତିରକ୍ଷା ସକାଶେ ବୁଡାରଜା ଶାନ୍ତିନଗର ରାସ୍ତାକୁ ତାଙ୍କ ନାମରେ ନାମିତ କରିବା ସହ ତାଙ୍କ ନାମରେ ସମ୍ବଲପୁରରେ ଏକ ଅତ୍ୟାଧୁନିକ ମଲ୍‌ଟି ସ୍ପେସିଆଲିଟି ଡାକ୍ତରଖାନା ନିର୍ମାଣ ଲାଗି ସଭାରେ ମତ ପ୍ରକାଶ ପାଇଥିଲା । ସଭା ପୂର୍ବରୁ ଡ.ପାଣିଗ୍ରାହୀ ଏବଂ ନିକଟରେ ପରଲୋକ ଗମନ କରିଥିବା ବରିଷ୍ଠ ସାମ୍ବାଦିକ ଶିବ ପ୍ରସାଦ ମେହେରଙ୍କ ଆତ୍ମାର ସଦଗତି କାମନା କରି ନିରବ ପ୍ରାର୍ଥନା କରାଯାଇଥିଲା ।

## ରାସେଶ୍ୱରୀ ସେବାର ଏକ ମୂର୍ତ୍ତିମନ୍ତ ପ୍ରତିମୂର୍ତ୍ତି



ସମ୍ବଲପୁର,୨୦।୨(ସମିସ): ସ୍ଥାନୀୟ ଚିତ୍ରଗୁପ୍ତ କଲ୍ୟାଣ ସଂଘରେ ଚକ୍ଷୁଦାନ ଓ ଭିନ୍ନକ୍ଷମ କଲ୍ୟାଣ ସଂସ୍ଥା ଜ୍ୟୋତି ତରଫରୁ ସଭାପତି ଡ଼ଃ ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ ସ୍ୱର୍ଗତ ରାସେଶ୍ୱରୀ ପାଣିଗ୍ରାହୀଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଛି । ସ୍ୱର୍ଗତ ପାଣିଗ୍ରାହୀ ଏବଂ "ଜ୍ୟୋତି'ର ପୂର୍ବତନ ଉପସଭାପତି ସ୍ୱର୍ଗତ ଶିବପ୍ରସାଦ ମେହେରଙ୍କ ଆତ୍ମାର ସଦଗତି ଲାଗି ନୀରବ ପ୍ରାର୍ଥନା କରିଥିଲେ । ଡ. ରାସେଶ୍ୱରୀ ଜଣେ ବିରଳ ସ୍ୱଭାବର ବ୍ୟକ୍ତିତ୍ୱ ଥିଲେ ।ସେ "ସେବାର ଏକ ମୂର୍ତ୍ତିମନ୍ତ ପ୍ରତିମୂର୍ତ୍ତି" ଥିଲେ । ଏକାଧାରାରେ ଜଣେ ଡାକ୍ତର, ବିଧାୟିକା, ସମାଜସେବୀ, ଏବଂ ଭଗବାନ୍ ବିଶ୍ୱାସୀ ଜଗନ୍ନାଥ ପ୍ରେମୀ ତଥା ପରିବାର ପ୍ରେମୀ ମଧ୍ୟ ଥିଲେ । ଡାକ୍ତରୀ ସେବା କ୍ଷେତ୍ରରେ ତାଙ୍କ ହସ୍ତର ଯାଦୁଗରୀ ଚିକିତ୍ସାରେ ଲକ୍ଷ ଲକ୍ଷ ଲୋକଙ୍କର ପ୍ରିୟ ପାତ୍ର ହୋଇ ପାରିଥିଲେ । ତାଙ୍କୁ ଭୁବନେଶ୍ୱର ରେ ସମ୍ବଲପୁରର "ଆଇରନ୍ ଲେଡି "ବୋଲି କହୁଥିଲେ । ଏହି ସବୁ ମତ ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ପ୍ରକାଶ ପାଇଥିଲା । ଶେଷରେ ସଂଯୋଜକ କଳ୍ପନା ମିଶ୍ର ସ୍ୱରଚିତ ଶ୍ରଦ୍ଧାଞ୍ଜଳୀ କବିତା ପାଠ କରିଥିଲେ ।

## ବେଆଇନ କଫ ସିରପ୍ କାରବାରରେ ୩ ଗିରଫ

● କାର୍‌ରୁ ଜବତ ୧୨ ଶହ ବୋତଲ



ସମ୍ବଲପୁର,୨୦।୨(ସମିସ):କାର୍‌ରେ ଆସୁଥିଲା ବିପୁଳ ମାତ୍ରାରେ କଫସିରପ । ସମ୍ବଲପୁରର ବୁର୍ଲା ହୀରାକୁଦରେ ବେଆଇନ ଭାବେ କାରବାର ହୋଇଥାନ୍ତା । ଏଥିପାଇଁ ମାଫିଆମାନେ ସତର୍କତା ଭାବେ ଭୋରୁ କାର୍‌ରେ ନେଇ ସମ୍ବଲପୁର ଅଭିମୁଖେ ଆସୁଥିଲେ । ପୁଲିସ ଅବକାରୀ ବିଭାଗ ଯେପରି ଜାଣି ପାରିବ ନାହି ସେଥି ପାଇଁ ପଲିଥିନରେ ସମ୍ପୂର୍ଣ୍ଣ ଭାବେ ଘୋଡେଇ ଦିଆଯାଇଥିଲା । ହେଲେ ବୁର୍ଲା ପୁଲିସ ପାଟ୍ରୋଲିଂ ବେଳେ ଖବର ପାଇଁ ଅତର୍କିତ ଭାବେ ଚଢଉ କରି କାରକୁ ଯାଞ୍ଚ କରିଥିଲା । ୧୨ଶହ ବୋତଲ କଫସିରପ୍ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ବୁର୍ଲା ଥାନା ୱାନଆର କୋଲନୀର ବିକ୍ରମ ପଞ୍ଚବିଭାର ଓରଫ ଭିକି(୩୨), ପାଣିଟାଙ୍କି ପଡ଼ାର ରାଜେଶ ପଟ୍ଟନାୟକ ଓରଫ ପାଣ୍ଡୁ(୩୪) ଓ ଧିପଡ଼ାର ଟିକିନା ସାହୁ(୩୬) । ସେମାନଙ୍କ ନିକଟରୁ ୩ ଶହ ବୋତଲ ଥିବା ୪ଟି ବ୍ୟାଗରୁ ୧୨ଶହ କଫ ସିରପ୍ ବୋତଲ, କାର୍ ନଂ-ଓଡି୨୮ ୪୨୭୮ ଓ ତିନୋଟି ମୋବାଇଲ ଫୋନ ଜବତ କରିଛି । ସୂଚନା ଅନୁସାରେ ଅଭିଯୁକ୍ତ ମାନେ କାରରେ କଟକ-ଭୁବନେଶ୍ୱରରୁ ବେଆଇନ ଭାବେ କଫ ସିରପ୍ ନେଇ ଆସୁଥିଲେ । ଗୁରୁବାର ଭୋର ସକାଳୁ ବୁର୍ଲା ପୁଲିସ ପାଟ୍ରୋଲିଂ ବେଳେ ଏ ସମ୍ପର୍କରେ ଖବର ପାଇଥିଲା । ପରେ ବୁର୍ଲା ଟାଉନରେ ଉକ୍ତଗାଡିକୁ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚ ବେଳେ ଗାଡ଼ିରୁ ଉପରୋକ୍ତ ସାମଗ୍ରୀ ପାଇଥିଲା । ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ସମ୍ମିଳନୀରେ ବୁର୍ଲା ଥାନାଧୀକାରୀ ସୌମ୍ୟକାନ୍ତ ବଳିଆରସିଂ ଉପସ୍ଥିତ ଥିଲେ ।



## ସୁଭଦ୍ରା ଶକ୍ତି ମେଳା ଉଦ୍‌ଯାପିତ




ସମ୍ବଲପୁର,୨୦।୨(ସମିସ):ଅଇଁଠାପାଲିସ୍ଥିତ ବିର୍ସା ମୁଣ୍ଡା ମଇଦାନରେ ସାତ ଦିନ ବ୍ୟାପି ଅୟୋଜିତ ମହିଳା ସଶକ୍ତିକରଣର ଏବଂ ଉଦ୍ୟୋଗିତାର ମହୋତ୍ସବ ସୁଭଦ୍ରା ଶକ୍ତି ମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । । ମହୋତ୍ସବରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ପାଇଁ ସେମାନଙ୍କର ବିଭିନ୍ନ ଉତ୍ପାଦଗୁଡ଼ିକୁ ପ୍ରଦର୍ଶନ କରିବା ନିମନ୍ତେ ସାମିଲ ଥିଲେ । ହସ୍ତତନ୍ତ, ହସ୍ତଶିଳ୍ପ ଠାରୁ ଆରମ୍ଭ କରି ଜୈବିକ ଖାଦ୍ୟ, ମସଲା ଆଦି ଉଦ୍ୟୋଗିତାର ପ୍ରଦର୍ଶିତ ହୋଇଥିଲା । ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାର ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ମେଳାରେ ପ୍ରାୟ ୧,୪୫,୪୪,୫୭୦ ଟଙ୍କାର ବ୍ୟବସାୟ ହୋଇଥିବା ସୂଚନା ମିଳିଛି । ସୁଭଦ୍ରା ଶକ୍ତି ମେଳା ୨୦୨୬ କେବଳ ବିକ୍ରୟ ଏବଂ ଅଂଶଗ୍ରହଣରେ ରେକର୍ଡ ସ୍ଥାପନ କରିନାହିଁ, ବରଂ ଭବିଷ୍ୟତ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକ ପାଇଁ ରାସ୍ତା ପ୍ରଶସ୍ତ କରିଛି । ଏହି ଅବସରରେ ବିଭିନ୍ନ ବର୍ଗରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ସ୍ୱୟଂସହାୟକ ଗୋଷ୍ଠୀ (ଏସଏଚ୍‌ଜି)ମାନଙ୍କୁ ଚୟନ କରଯାଇ ପୁରସ୍କାର ପ୍ରଦାନ କରାଯାଇଛି । ବିକ୍ରୟ, ପ୍ୟାକେଜିଂ, ନବୀନ ଉତ୍ପାଦ ଓ ସାମଗ୍ରିକ କାର୍ଯ୍ୟଦକ୍ଷତା ଆଦି ମାନଦଣ୍ଡ ଆଧାରରେ ଚୟନ କରାଯାଇଥିବା ବୋଲି ଜିଲ୍ଲା ପରିଷଦ ପକ୍ଷରୁ ସୂଚନା ମିଳିଛି । ଫାର୍ମ ପ୍ରଡକ୍ଟ ବିକ୍ରୟରେ ଶ୍ରେଷ୍ଠ ବିକ୍ରେତା ନୟାଗଡ଼ର ମା' ମଙ୍ଗଳା ଏସଏଚ୍‌ଜି, ଯୁଯୁମରାର ମା'ପିତାବଳୀ ଏସଏଚ୍‌ଜି, କଟକର ବଡ଼ମ୍ବା ଏସଏଚ୍‌ଜି ଚୟନିତ ହୋଇଛନ୍ତି ।ନନ୍‌ଫାର୍ମ ବିକ୍ରୟରେ ଶ୍ରେଷ୍ଠ ବିକ୍ରେତା ନୟାଗଡ଼ର ବୁଢୀ ମା' ଏସଏଚ୍‌ଜି, କଟକର ଜୟ ସୀତାରାମ ଏସଏଚ୍‌ଜି ଓ ମୟୂରଭଞ୍ଜର ସାଇକୃପା ଏସଏଚ୍‌ଜି ପୁରସ୍କାର ପାଇଛନ୍ତି । ଶ୍ରେଷ୍ଠ ପ୍ୟାକେଜିଂ, ଲେବେଲିଂ ଓ ପ୍ରଦର୍ଶନ ବର୍ଗରେ ମୟୂରଭଞ୍ଜର ଜହ୍ନତାରା ଏସଏଚ୍‌ଜି, ମାନେଶ୍ୱରର ଲିମ୍ବସରେନ ଏସଏଚ୍‌ଜି, କଳାହାଣ୍ଡିର ମା' ସରସ୍ୱତୀ ପିଜି ପୁରସ୍କାର ପାଇଁ ଚୟନିତ ହୋଇଛନ୍ତି ।ଶ୍ରେଷ୍ଠ ଗ୍ରାହକ ବ୍ୟବହାର ଓ ପ୍ରଡକ୍ଟ ବର୍ଣ୍ଣନା ବର୍ଗରେ ଭୁବନେଶ୍ୱରର ଝାଡେଶ୍ୱରୀ ଏସଏଚ୍‌ଜି, ରେଙ୍ଗାଲିର ୱିମେନ୍ ସ୍ଟାର ଏସଏଚ୍‌ଜି ଓ ଧନକଉଡାର ବିଟା ଏସଏଚ୍‌ଜି ଚୟନିତ ହୋଇଛନ୍ତି । ନୂତନ ଉତ୍ପାଦ ବର୍ଗରେ ମାନେଶ୍ୱରର ବିଶ୍ୱକର୍ମା ଏସଏଚ୍‌ଜି (ଟେରାକୋଟା),ଆଶା ଏସଏଚ୍‌ଜି (ଆର୍ଟିଫିସିଆଲ୍ ଜୁଏଲେରୀ)ଓ ଶିବ ଶକ୍ତି ଏସଏଚ୍‌ଜି (ସବାଇ ଘାସ ହ୍ୟାଣ୍ଡିକ୍ରାଫ୍ଟ) ଚୟନିତ ହୋଇଛନ୍ତି ।ଖୋର୍ଦ୍ଧା ଜିଲ୍ଲାର ଭୈରବୀ ଏସଏଚ୍‌ଜି ଶାଢୀରେ ହାତ ଦ୍ୱାରା ଚିତ୍ରାଙ୍କନ ଓ ବିଭିନ୍ନ ଉତ୍ପାଦ ପ୍ରଦର୍ଶନରେ ଉତ୍କୃଷ୍ଟତା ପାଇଁ ସାମଗ୍ରିକ ଶ୍ରେଷ୍ଠ ଘୋଷିତ ହୋଇଛି ।

**ସହର ବିକାଶ ମରଣକୁ ଆମନ୍ତ୍ରଣ**

# କୌଣସି ନିର୍ମାଣ କାର୍ଯ୍ୟରେ ଲାଗୁନି ସତର୍କ ସୂଚନା

ସମ୍ବଲପୁର,୨୦।୨(ସମିସ): ସମ୍ବଲପୁର ସହରର ବିକାଶ କରାଯାଉଛି । ବିଭିନ୍ନ ସ୍ଥାନରେ ଅନେକ ନିର୍ମାଣ କାର୍ଯ୍ୟ ମଧ୍ୟ ଚାଲୁଛି । ଜବରଦଖଲ ହଟାଇ ସେଠାରେ ଡ୍ରେନ କାର୍ଯ୍ୟ ମଧ୍ୟ କରାଯାଉଛି । ହେଲେ ସବୁ ବିକାଶ କାମ ମରଣକୁ ଆମନ୍ତ୍ରଣ କରିବା ଭଳି ପରିଲକ୍ଷିତ ହେଉଛି । କାରଣ କୌଣସି ବି ନିର୍ମାଣ ସ୍ଥାନରେ ସତର୍କ ସୂଚନା ଫଳକ ଲାଗିନାହି । ଏହାର ପରିଣାମରେ ଗତକାଲି ଜଣ ଯୁବକଙ୍କ ମଧ୍ୟ ମୃତ୍ୟୁ ହୋଇଛି । ଏତେ ହେଲା ପରେ ମଧ୍ୟ ସମ୍ବଲପୁର ଜିଲ୍ଲା ପ୍ରଶାସନ, ସମ୍ବଲପୁର ମହାନଗର ନିଗମ, ପିଡବ୍ଲ୍ୟୁଡି, ପିଏଚଡି ବିଭାଗ ମୁଣ୍ଡରେ ଚେତା ପଶୁନି । ଯଦି କେଉଁଠାରେ ନିର୍ମାଣ କିମ୍ବା ମରାମତି କାର୍ଯ୍ୟ କରାଯାଏ, ତାହାଲେ ସେଠାରେ ସତର୍କ ସୂଚନା ଫଳକ ଲଗାଇବାର ନିୟମ ରହିଛି । ଯାହାକୁ ଲୋକ ଦେଖି ସତର୍କତା ଭାବେ ଯାତାୟତ କରିପାରିବେ । କିନ୍ତୁ ସମ୍ବଲପୁରରେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି । ସୋମବାର ଏନଏଚଏଆଇ ଅବହେଳା ଯୋଗୁଁ ଅଇଁଠାପାଲି ଥାନା ଅନଗୁଳିଆପଡ଼ାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ଏନଏଚଏଆଇ ପକ୍ଷରୁ ଅଇଁଠାପାଲିରେ ଓଭରବ୍ରିଜ ନିର୍ମାଣ ହେଉଛି । ଏକାବେଳେ ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ ମଧ୍ୟ ହେଉଛି । ବିଭିନ୍ନ ସ୍ଥାନରେ ଡ୍ରେନ ଖୋଳାଯାଇ ଅନ୍ୟତ୍ର ସଂଯୋଗ କରାଯାଇଛି । କିଛି କିଛି ସ୍ଥାନରେ ଡ୍ରେନ ଉପର ସ୍ଲାବ ପଡିଥିବା ବେଳେ ଅନ୍ୟ କେତେକ ସ୍ଥାନରେ ଖୋଲା ପଡିଛି । ଗତ ସୋମବାର ଦିନ ଅନୁଗୁଳିଆପଡ଼ାର ଜଣେ ୩୫ ବର୍ଷିୟ ଯୁବକ ଡ୍ରେନ ଗାତରେ ପଡି ମୃତ୍ୟୁବରଣ କରିଥିଲେ । ସମ୍ବଲପୁରରେ ଏପରି ଘଟଣା କେବଳ ଏନଏଚଏଆଇ ଅବହେଳା ପାଇଁ ଘଟିନାହି । ସହରର ବରେଇପାଲି, ଅଇଁଠାପାଲି, ପାଞ୍ଚଗଛିଆ, ପେନସନପଡ଼ା, ଫାର୍ମରୋଡ, ବଡ଼ବଜାର, ସାକ୍ଷୀପଡ଼ା ଆଦି ଅଞ୍ଚଳରେ ଡ୍ରେନ କାର୍ଯ୍ୟ ହେଉଛି । ସମ୍ବଲପୁରରେ ଡ୍ରେନ ସମସ୍ୟାକୁ ଦୂର କରିବାକୁ ମହାନଗର ନିଗମ ପକ୍ଷରୁ ମାଷ୍ଟର ଡ୍ରେନପ୍ଲାନ କାର୍ଯ୍ୟକ୍ଷମ ହେଉଛି । ଏଥି ପାଇଁ ଜବରଦଖଲ ହଟାଇ ଡ୍ରେନ ନିର୍ମାଣ ହେଉଛି । ହେଲେ କେତେକ ସ୍ଥାନରେ ସତର୍କ ସୂଚନା ଲାଗିନଥିବା ପରିଲକ୍ଷିତ ହେଉଛି । ପାଞ୍ଚଗଛିଆ ବିଦ୍ୟା ବିକାଶ ସ୍କୁଲ ପାଖରେ ଥିବା ସର୍ଭିସ ରୋଡରେ ଡ୍ରେନ କାର୍ଯ୍ୟ ଦୁଇ ମାସରୁ ଅଧିକ ସମୟ ହେଲାଣି ଚାଲୁଛି । ସ୍କୁଲରୁ ସର୍ଭିସ ରୋଡକୁ ସଂଯୋଗ କରୁଥିବା ପୁରୁଣା ରାସ୍ତାରେ ଡ୍ରେନ ହେଉଛି । ଯିବା ଆସିବା ପାଇଁ ପୂର୍ବ ରାସ୍ତାର ଆଗରୁ ଅସ୍ଥାୟୀ ରାସ୍ତା ହୋଇଛି । କିନ୍ତୁ ଡ୍ରେନ କାର୍ଯ୍ୟରେ ସତର୍କ ସୂଚନା ଲାଗିନାହି । ରାତିରେ କେହି ଉକ୍ତ ରାସ୍ତା ଦେଇ ଆସୁଥିଲେ ଟିକେ ଅସାବଧାନ ହେଲେ ନିର୍ମାଣଧୀନ ମୁକୁଳା ଡ୍ରେନରେ ପଡିବାର ସମ୍ଭବ ରହିଛି । ସେପଟେ ସହରର ବିଭିନ୍ନ ପଡ଼ାରେ ପିଏଚଡି ବିଭାଗ ପକ୍ଷରୁ ପିଇବା ପାଣି ପାଇପ ବିଛାଯାଉଛି । ସେଥି ପାଇଁ ମନ ଇଚ୍ଛା ଗାତ ମଧ୍ୟ ଖୋଳାଯାଉଛି । ଅଧିକାଂଶ ସ୍ଥାନରେ ସତର୍କ ସୂଚନା ଲାଗିନାହି । ଯଦି ବା କେଉଁଠି ଲାଗିଛି ତାହା ନଷ୍ଟ ହେବାକୁ ବସିଲାଣି । ସେଥିପ୍ରତି ବିଭାଗୀୟ ଅଧିକାରୀଙ୍କ ନିଘା ନାହି । ସହରର ବିକାଶ ପାଇଁ ସାଧରଣ ଲୋକଙ୍କ ଯେପରି କୌଣସି କ୍ଷତି ନେହଉ ସେଥି ପ୍ରତି ଜିଲ୍ଲା ପ୍ରଶାସନ ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି ।

## ସୋମବାର ଡ୍ରେନରେ ପଡ଼ି ଜଣଙ୍କର ମୃତ୍ୟୁ



ଅପରେସନ ସାଇବର୍ କବଚ

# ୮୬ ମ୍ୟୁଲ୍ ଆକାଉଣ୍ଟ ଠାବ; ଫେରାର ୩ ଅଭିଯୁକ୍ତ ଗିରଫ

**ରାଉରକେଲା, ୨୦।୨(ସମିସ)**

ରାଜ୍ୟରେ ସାଇବର ଠକେଇ ଓ ଏଥିରେ ସମ୍ପୃକ୍ତ ଅପରାଧୀଙ୍କୁ ଧରିବାକୁ ଆରମ୍ଭ ହୋଇଛି ଅପରେସନ ସାଇବର କବଚ। ଲୋକଙ୍କୁ ଫସାଇ ଯୋଜନାବଦ୍ଧ ଭାବେ ସେମାନଙ୍କ ସଞ୍ଚିତ ଅର୍ଥ ଲୁଟ୍ କରୁଥିବା ସଙ୍ଗଠିତ ଗ୍ୟାଙ୍ଗ ଏବଂ ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି। ଏହି କ୍ରମରେ ରାଉରକେଲା ପୁଲିସ୍ ପୂର୍ବରୁ ୧୪ ଜଣଙ୍କୁ ଗିରଫ କରିଥିବା ବେଳେ ଫେରାର ଥିବା ୩ ଅପରାଧୀଙ୍କୁ ଆଜି ଗିରଫ କରିଛି। ଫଳରେ ଗିରଫ ସଂଖ୍ୟା ୧୭ରେ ପହଞ୍ଚିଛି। ଅଭିଯୁକ୍ତମାନେ ହେଲେ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ସେକ୍ଟର-୨୧ ନୟାବଜାର ଅଞ୍ଚଳର ରୋନକ ଦାସ (୨୨), ଟ୍ରଫିକ ଗେଟ୍ ଗଞ୍ଜାମ ବସ୍ତିର ରୋଶନ ରାୟ (୨୫) ଓ ମହତାବ ରୋଡ୍ ଅଞ୍ଚଳର ସାହାନବାଜ ଖାନ୍ ଓରଫ ପାନ (୨୯)। ବିଶେଷ କରି ପୁଲିସ ମ୍ୟୁଲ ଆକାଉଣ୍ଟ, ଏଟିଏମ୍ ଠକେଇ, ଚେକ୍ ବାଉନ୍ସ, ଅନ୍ୟାନ୍ୟ ଅର୍ଥନୈତିକ ଅପରାଧ ମାମଲା ଗୁଡ଼ିକୁ ଗମ୍ଭୀରତାର ସହ ନେଇଛି। ରାଉରକେଲା ପୁଲିସ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ସାଇବର ଅପରାଧ ସହ ସମ୍ପୃକ୍ତ ଥିବା ଅପରାଧୀମାନଙ୍କୁ ଧରିବାରେ ସକ୍ଷମ ହୋଇଛି। ପୁଲିସ୍ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୮୬ଟି ମ୍ୟୁଲ ଆକାଉଣ୍ଟ ଜବତ କରାଯାଇଛି। ଉକ୍ତ ଆକାଉଣ୍ଟ ଗୁଡ଼ିକ ମାଧ୍ୟମରେ ସାରା ଭାରତରେ ୮ କୋଟି ୧୪ ଲକ୍ଷ ୯୮ ହଜାର ୭୬୭ ଟଙ୍କାର କାରବାର ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ରାଉରକେଲା ପୁଲିସ୍ ଜିଲ୍ଲା ଅନ୍ତର୍ଗତ ସେକ୍ଟର-୩ ଥାନା, ବିଶ୍ରା ଥାନା, ଝିରପାଣି ଥାନା, ସେକ୍ଟର-୭ ଥାନା, ରଘୁନାଥପାଲି ଥାନା, ସେକ୍ଟର-୧୫ ଥାନା, ସାଇବର ଥାନା, ବନ୍ଧମୁଣ୍ଡା ଥାନାରେ ଗୋଟିଏ ଲେଖାଏଁ ସାଇବର ମାମଲା ରୁଜୁ ହୋଇଥିଲା। ସେହିପରି ସେକ୍ଟର-୧୯ ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ଏସବୁର ତଦନ୍ତ କରି ପୁଲିସ୍ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ରାଉରକେଲାରେ ବଢୁଥିବା ସାଇବର ଠକେଇ ଘଟଣା ପରେ ପୁଲିସ୍ ପକ୍ଷରୁ ସାଧାରଣ ଜନତାଙ୍କୁ ସତର୍କ କରାଯାଇଛି। ଅର୍ଥ ଲୋଭରେ କୌଣସି ପ୍ରଲୋଭନରେ ନ ପଡ଼ିବା, ଆର୍ଥିକ କାରବାର ସମ୍ପର୍କିତ ସୂଚନା ଅପରିଚିତଙ୍କୁ ହସ୍ତାନ୍ତର ନ କରିବା, ସାଇବର ଠକେଇର ଶିକାର ହେଲେ ତୁରନ୍ତ ପୁଲିସ୍‌ର ସହାୟତା ନେବାକୁ ପରାମର୍ଶ ଦିଆଯାଇଛି।

**ପୂର୍ବରୁ ଗିରଫ ହୋଇଥିଲେ ୧୪**

# ଜ୍ଞାନ ବିକାଶ କେନ୍ଦ୍ରର ସାହିତ୍ୟ ମହୋତ୍ସବ



**ରାଉରକେଲା, ୨୦।୨(ସମିସ):** ସ୍ଥାନୀୟ ଜେଲ ରୋଡ ସ୍ଥିତ ପଦ୍ମାବତୀ ମେମୋରିଆଲ ହଲ ପରିସରରେ ଶ୍ରୀଧର ସ୍ମୃତି ଜ୍ଞାନ ବିକାଶ କେନ୍ଦ୍ର ପକ୍ଷରୁ ଏକ ମନୋଜ୍ଞ ମାସିକ ସାହିତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ଉମାକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାହିତ୍ୟ ମହୋତ୍ସବରେ ମୁଖ୍ୟଅତିଥି ଭାବରେ କବି ବ୍ରଜେନ୍ଦ୍ର ଦାଶ, ମୁଖ୍ୟବକ୍ତା ଭାବେ ଡ. ନିଶିକାନ୍ତ ମିଶ୍ର, ସମ୍ମାନୀୟ ବକ୍ତା ଭାବେ ସମାଜସେବୀ ବିଚିତ୍ରା ନନ୍ଦ ସାହୁ, ଶିକ୍ଷାବିତ୍ ବିଜୟ ସାହୁ, ସଙ୍ଗୀତ ନିର୍ଦ୍ଦେଶକ ପୁଲିନ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ତଥା ରେଳବାଇ ବୋର୍ଡର ଡିଆରୟୁସିସି ଅଧିକାରୀ ସୁବାସ ଚନ୍ଦ୍ର ଲେଙ୍କା ବିବରଣୀ ପାଠ କରିଥିଲେ। ଓଡ଼ିଆ ସ୍ୱାଭିମାନ ଓ କୁଳବୃଦ୍ଧ ମଧୁସୂଦନଙ୍କୁ ଓଡ଼ିଆ ଜାତିର ପିତା ତଥା ରାଷ୍ଟ୍ର ନାୟକ କହିଥିଲେ। ଶିକ୍ଷାବିତ୍ ବିଜୟ କୁମାର ସାହୁ ଓଡ଼ିଶାର ଜନଜୀବନରେ ଜଣେ ଜୀବନ୍ତ କିମ୍ବଦନ୍ତୀ ପୁରୁଷ ବୋଲି କହିଥିଲେ। କବି ପୁଲିନ ରାଉତରାୟ ଓଡ଼ିଶାର ଧର୍ମ, ସଂସ୍କୃତି, ପରମ୍ପରା, ଐତିହ, ସାହିତ୍ୟ, ରାଜନୀତି ଓ ଅର୍ଥନୀତିକୁ ମଧୁବାବୁ ବହୁବାର ପରିପୁଷ୍ଟ କରିଥିଲେ ବୋଲି କହିଥିଲେ। ଶିକ୍ଷାବିତ୍ ଡ. ନିଶିକାନ୍ତ ମିଶ୍ର ମଧୁବାବୁଙ୍କ ଓଡ଼ିଶାର ସାମଗ୍ରିକ ବିକାଶ ସମ୍ବନ୍ଧରେ ଆଲୋଚନା କରିଥିଲେ। କବି ବ୍ରଜେନ୍ଦ୍ର ଦାଶ ମଧୁବାବୁ ଜଣେ ଓଡ଼ିଶା ଇତିହାସରେ ବିରଳ ବ୍ୟକ୍ତିତ୍ୱ ଥିଲେ ବୋଲି କହିଥିଲେ। ଅନୁଷ୍ଠାନର ଉପାଧ୍ୟକ୍ଷ ଅନିଲ ଦାଶ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାୟ ୩୦ ଜଣ କବି ଯୋଗ ଦେଇଥିଲେ। ଶେଷରେ ସମାଜସେବୀ ଅନୀଲ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଇଏଫ୍ଆଇର ପୂର୍ବତନ ରାଜ୍ୟ ସଭାପତି ସୁଶିଲ ଗିରିଙ୍କ ପରଲୋକ



**ରାଉରକେଲା, ୨୦।୨(ସମିସ):** ଅଲ୍ ଓଡ଼ିଶା ବ୍ୟାଙ୍କ ଏମ୍ପ୍ଲୋଇଜ ଫେଡେରେସନ (ବିଇଏଫ୍ଆଇ)ର ପୂର୍ବତନ ରାଜ୍ୟ ସଭାପତି ତଥା ବିଶିଷ୍ଟ ବ୍ୟାଙ୍କ କର୍ମଚାରୀ ନେତା ସୁଶିଲ ଗିରିଙ୍କ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ୩ ଥର ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟିର ସମ୍ପାଦକ ଓ ସୁନ୍ଦରଗଡ଼ ଜିଲ୍ଲା କମିଟିର ସମ୍ପାଦକ ମଣ୍ଡଳୀ ସଦସ୍ୟ ଭାବରେ ନେତୃତ୍ୱ ନେଇ କାର୍ଯ୍ୟ କରିଥିଲେ। ସେ ସୁନ୍ଦରଗଡ଼ ଜିଲ୍ଲା ଶ୍ରମିକ କର୍ମଚାରୀ ସମନ୍ୱୟ ସମିତିର ଆବାହକ ରହିବା ସହିତ ସିଆଇଟିୟୁ ସୁନ୍ଦରଗଡ଼ ଜିଲ୍ଲା କମିଟିର ଉପସଭାପତି ଦୀର୍ଘ ଦିନ ଧରି ରହିଥିଲେ। ସେ ଶେଷ ପର୍ଯ୍ୟନ୍ତ ସିପିଆଇଏମର ସଦସ୍ୟ ରହିଥିଲେ। ତାଙ୍କର ଅକାଳ ବିୟୋଗ ସିପିଆଇଏମ୍ ପାଇଁ କ୍ଷତି ନୁହେଁ, ସମଗ୍ର ରାଜ୍ୟର ଶ୍ରମିକ କର୍ମଚାରୀମାନଙ୍କ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସିପିଆଇଏମ୍ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ଶୋକ ପ୍ରକାଶ କରି କହିଛନ୍ତି। ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ରାଜ କିଶୋର ପ୍ରଧାନ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସିଆଇଟିୟୁ ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ରାଜ୍ୟ ସମ୍ପାଦକ ବସନ୍ତ ନାୟକ, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ରାଉରକେଲା ଆଞ୍ଚଳିକ କମିଟି ନେତା ବିପି ମହାପାତ୍ର, ଅଜୟ ଶର୍ମା, ତାଜମୁନ ନେହାର, ଭାଗିରଥି ଟୁଡୁ, ବିଶ୍ୱଜିତ ମାଝୀ, ଯଯାତି କେଶରୀ ସାହୁ, ଚନ୍ଦ୍ରଭାନୁ ଦାସ, ଲକ୍ଷ୍ମୀଧର ନାୟକ, ସୁରେନ୍ଦ୍ର ମହାନ୍ତି, ଏନ୍ଏନ୍ ପାଣିଗ୍ରାହୀ, ପ୍ରଭାତ ମହାନ୍ତି, ଅରୁଣ ମହାରଣା, ପ୍ରଦୀପ ସେଠୀ, ଅଜିତ୍ ଏକ୍କା, ସୁଧାଂଶୁ ଜେନା, ଅନାଦି ସାହୁ, ଜଗବନ୍ଧୁ ପଶାୟତ, ସମ୍ବିତ ସ୍ୱାଇଁ ଓ ରଘୁନାଥ ପାଲି ଆଞ୍ଚଳିକ କମିଟି ସମ୍ପାଦକ ହୃଦୟାନନ୍ଦ ଯାଦବ, ଅରୁ ଦାସ, ବିନୟ ବେହୁରିଆ, ଅଶୋକ ଦାସ, ବିବି ଗିରି, ଉପେନ୍ଦ୍ର ତ୍ରିପାଠୀ ପ୍ରମୁଖ ଶାକ ପ୍ରକାଶ କରିଛନ୍ତି।

# ଆଇଜିଏଚ୍‌ରେ ଜଟିଳ ମେରୁଦଣ୍ଡର ସଫଳ ଅସ୍ତ୍ରୋପଚାର

**ରାଉରକେଲା, ୨୦।୨(ସମିସ):** ରାଉରକେଲା ଇସ୍ପାତ କାରଖାନାର (ଆରଏସପି) ଅଧିନସ୍ଥ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ)ର ବିଶେଷଜ୍ଞ ଡାକ୍ତରୀ ଦଳ ଦ୍ୱାରା ଏକ ସମୟୋଚିତ ଏବଂ ଜଟିଳ ମେରୁଦଣ୍ଡ ଅସ୍ତ୍ରୋପଚାର ସଫଳ ହୋଇଛି। ଏହି ଅସ୍ତ୍ରୋପଚାର ପରେ ଜଣେ ୫୧ ବର୍ଷୀୟ ଆରଏସପି କର୍ମଚାରୀ ଚାଲିବାରେ ପୁନଃସକ୍ଷମ ହେବା ସହ ନୂତନ ଜୀବନ ଲାଭ କରିଛନ୍ତି। ୨୦୨୫ ଡିସେମ୍ବର ମାସରୁ ଡି୮ଡି୯ ସ୍ତରରେ ମେରୁଦଣ୍ଡ ଯକ୍ଷ୍ମା ପାଇଁ ଆଇଜିଏଚରେ ଚିକିତ୍ସିତ ହେଉଥିବା ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗର ସିଏସ୍. ପ୍ରସାଦଙ୍କ ଠାରେ ଏକ ଗୁରୁତର ସ୍ୱାସ୍ଥ୍ୟଗତ ଜଟିଳତା ଦେଖାଦେଇଥିଲା। କିନ୍ତୁ ଆଇଜିଏଚରେ ନିପୁଣ ଚିକିତ୍ସା ସହ ଉନ୍ନତ ଶଲ୍ୟ ଅସ୍ତ୍ରୋପଚାର ପରେ ସେ ସୁସ୍ଥତା ଲାଭ କରିଛନ୍ତି। ଶ୍ରୀ ପ୍ରସାଦ ହଠାତ୍ ଠିଆ ହୋଇ ନ ପାରିବା ସହ ଉଭୟ ପାର୍ଶ୍ୱ ଅଙ୍ଗରେ ଗୁରୁତର ଦୁର୍ବଳତା ଅନୁଭବ କରିବା ପରେ ଗତ ଜାନୁଆରୀ ୧୭ ତାରିଖରେ ଆଇଜିଏଚରେ ଭର୍ତ୍ତି ହୋଇଥିଲେ। ଯାହା ମେରୁଦଣ୍ଡ ଯକ୍ଷ୍ମା ରୋଗର ଏକ ଗୁରୁତର ଜଟିଳ ଅବସ୍ଥା ଥିଲା। ଏପରି ଗମ୍ଭୀର ସ୍ୱାସ୍ଥ୍ୟ ସ୍ଥିତିର ଆବଶ୍ୟକତାକୁ ଦୃଷ୍ଟିରେ ରଖି, ସେହିଦିନ ରେଡିଓଲୋଜି ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ତାପସ କରଙ୍କ ସହାୟତାରେ ଏକ ଏମ୍ଆରଆଇ କରାଯାଇଥିଲା। ପରେ ସ୍କାନ୍‌ରେ ପ୍ରଭାବିତ ସ୍ଥାନରେ ପୂଜ ଜମା ହୋଇଥିବାର ଜଣାପଡ଼ିଥିଲା। ଯାହାର ତୁରନ୍ତ ଶଲ୍ୟଚିକିତ୍ସାର ଆବଶ୍ୟକ କରିଥିଲା। ମେରୁଦଣ୍ଡ ଉପକରଣ ସହିତ ଜରୁରୀକାଳୀନ ଅସ୍ତ୍ରୋପଚାର ଏବଂ ମେରୁଦଣ୍ଡ କେନାଲର ଡିକମ୍ପ୍ରେସନର ତୁରନ୍ତ ଯୋଜନା କରାଯାଇଥିଲା। ଏହି ଜଟିଳ ପ୍ରକ୍ରିୟାର ଅସ୍ତ୍ରୋପଚାର ବରିଷ୍ଠ ପରାମର୍ଶଦାତା ନ୍ୟୁରୋସର୍ଜନ ଡା. ମନୋଜ କୁମାର ଦେଓ ସଫଳତାର ସହ ସମ୍ପାଦନ କରିଥିଲେ। ଆନାସ୍ଥେସିଆର ଅତିରିକ୍ତ ସିଏମଓ ଡା. ସଞ୍ଜୁକ୍ତା ପାଣିଗ୍ରାହୀ ଏବଂ ସହକାରୀ ସିଏମଓ ଡା. ସି.କେ. କାସି ନିଶ୍ଚେତକ ସହାୟତା ପ୍ରଦାନ କରିଥିଲେ। ଏହି ଅସ୍ତ୍ରୋପଚାରରେ ସିଷ୍ଟର ଗୋଧୂଳି, ସିଷ୍ଟର ସୁନନ୍ଦା ଏବଂ ସିଷ୍ଟର ଅର୍ଚ୍ଚନା ସହାୟତା କରିଥିଲେ। ଅସ୍ତ୍ରୋପଚାର ପରେ ଶ୍ରୀ ପ୍ରସାଦଙ୍କ ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହୋଇଥିଲା। ଫିଜିଓଥେରାପିଷ୍ଟ ପ୍ରେମାନନ୍ଦ ସ୍ୱାଇଁ ଏବଂ ତାଙ୍କ ଦଳଙ୍କ ସଂରଚିତ ଫିଜିଓଥେରାପି ସହାୟତାରେ ତିନି ସପ୍ତାହ ମଧ୍ୟରେ ସେ ବାଡ଼ି ଧରି ଚାଲିପାରିଥିଲେ। ସିଷ୍ଟର ସ୍ୱପ୍ନା, ସିଷ୍ଟର ସବିତା, ସିଷ୍ଟର ଏକତା, ସିଷ୍ଟର ଅର୍ଚ୍ଚନା ଏବଂ ଅନ୍ୟ ନର୍ସିଂ କର୍ମଚାରୀଙ୍କ ଦ୍ୱାରା ଉତ୍ସର୍ଗୀକୃତ ଭାବେ ପରବର୍ତ୍ତୀ ଯତ୍ନ ପ୍ରଦାନ କରାଯାଇଥିଲା। ସେ ଏବେ ଧୀରେ ଧୀରେ ସୁସ୍ଥ ହେଉଛନ୍ତି ଏବଂ ଆଗାମୀ ଦୁଇରୁ ତିନି ସପ୍ତାହ ମଧ୍ୟରେ ତାଙ୍କର ଦୈନନ୍ଦିନ କାର୍ଯ୍ୟ ପୁଣିଥରେ ଆରମ୍ଭ କରିବେ ବୋଲି ଆଶା କରାଯାଉଛି।



ବଜେଟ୍ ପ୍ରତିକ୍ରିୟା

# ସୁନ୍ଦରଗଡ଼ ଓ ରାଉଲକେଲା ପୁଣି ଉପେକ୍ଷିତ

ଓଡ଼ିଶାର କୋଣ, ଅନୁକୋଣରେ ବିଭିନ୍ନ ଜିଲ୍ଲା, ସ୍ଥାନ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ଗମନାଗମନ, ଶିଳ୍ପ, ସଡ଼କ ଇତ୍ୟାଦି କ୍ଷେତ୍ରରେ ନିର୍ଦ୍ଦିଷ୍ଟ ବ୍ୟୟବରାଦ ତଥା ନୂତନ ଅନୁଷ୍ଠାନ ଘୋଷଣା ହୋଇଥିଲେ ମଧ୍ୟ ରାଉରକେଲା ଓ ସୁନ୍ଦରଗଡ଼ ପୂର୍ଣ୍ଣ ମାତ୍ରାରେ ଉପେକ୍ଷିତ ହୋଇଛି। ରାଉଲକେଲା ପ୍ରତି ବୈମାତୃକ ଭାବ ଓ ଆନ୍ତରିକତାର ଅଭାବ ଏଥିରୁ ପରିଲକ୍ଷିତ ହେଉଛି। ଚିରାଚରିତ ଭାବରେ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଥିଲେ ମଧ୍ୟ ନୂତନ ଜ୍ଞାନକୌଶଳ, ନବସୃଜନ ଅର୍ଥନୀତି ପ୍ରତି ଅଧିକ ଧ୍ୟାନ ଦେଇ ସଂସ୍କାର ମୂଳକ ହୋଇଥିଲେ ସଙ୍ଘୀୟ ବ୍ୟବସ୍ଥାରେ ଅନ୍ୟ ରାଜ୍ୟ ସହ ପ୍ରତିଯୋଗିତାରେ ସମକକ୍ଷ ହୋଇ ନୂତନ ଅର୍ଥନୀତିର ଅଭିବୃଦ୍ଧିରେ ବିଶେଷ ସହାୟକ ହୋଇଥାନ୍ତା।

-ନଳିନୀକାନ୍ତ ଧର, ଅର୍ଥ ବିଶେଷଜ୍ଞ, ରାଉରକେଲା

# ଦଶମ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ରାଉରକେଲା, ୨୦।୨(ସମିସ):** ସହର ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ଏକ ସଭା ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବେ ବିଦ୍ୟାନଗର କ୍ଲଷ୍ଟରର ସିଆରସିସି ଦୀପ୍ତିମୟୀ ପରିଡ଼ା, ଆଭା ଅନ୍ୱେଷ ସଭାପତି ଆର୍ତ୍ତତ୍ରାଣ ଜେନା, ଏସଏମସି ପରିଚାଳନା କମିଟି ସଭାପତି ସରୋଜ ଜେନା ଯୋଗଦେଇ ଛାତ୍ରଛାତ୍ରୀମାନେ କଠିନ ପରିଶ୍ରମ କରି ପାଠ ପଢ଼ିଲେ ସଫଳତା ପାଇପାରିବେ ବୋଲି କହିଥିଲେ। ନବମ ଶ୍ରେଣୀ ଛାତ୍ରଛାତ୍ରୀମାନେ ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ସ୍ମୃତି ସ୍ୱରୂପ କଲମ ପ୍ରଦାନ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରାଯାଇଥିଲା।

କେବେ ଶୁଭିବ ଏଫ୍ଏମ୍ ରେଡ଼ିଓ ସ୍ୱର?

# ମନ୍ଥର ଗତିରେ ନବୀକରଣ କାର୍ଯ୍ୟ





**ବଣାଇଁ, ୨୦।୨(ସମିସ) :** ବଣାଇଁବାସୀ ଶୁଣିବେ ଏଫ୍ଏମ୍ ରେଡିଓ ସ୍ୱର। ଏନେଇ ଦୁଇ ବର୍ଷ ତଳେ ଏଫ୍ଏମ୍ ରେଡିଓ କେନ୍ଦ୍ର ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା। କିନ୍ତୁ ଶିଳାନ୍ୟାସର ୨ ବର୍ଷ ପରେ ବି ତାହାର କାର୍ଯ୍ୟ ସରି ନଥିବା ବେଳେ କେବେ ବଣାଇଁବାସୀ ଏଫ୍ଏମ୍ ରେଡ଼ିଓର ସ୍ୱର ଶୁଣିବେ ତାହାକୁ ନେଇ ପ୍ରଶ୍ନ ଉଠିଛି। ସେପଟେ ଦୂରଦର୍ଶନ କେନ୍ଦ୍ର ଭାବେ ଥିବା ପୁରୁଣା ଘରକୁ ନବୀକରଣ କାର୍ଯ୍ୟ ଚାଲିଛି। ହେଲେ କାର୍ଯ୍ୟ ଏତେ ମନ୍ଥର ଗତିରେ ଚାଲିଛି ଯେ ସରିବାର ନାଁ ଧରୁ ନାହିଁ। ସୂଚନାଯୋଗ୍ୟ, ଆଜକୁ ଦୀର୍ଘ ୩୦ ବର୍ଷ ପୂର୍ବେ ଅଶି ଦଶକରୁ ବଣାଇଁରେ ସ୍ଥାପିତ ହୋଇଥିବା ଦୂରଦର୍ଶନ ରିଲେ କେନ୍ଦ୍ରଟି ଗତ ୨୦୨୦ ଡିସେମ୍ବର ୩୦ ତାରିଖଠାରୁ ସବୁଦିନ ପାଇଁ ବନ୍ଦ ହୋଇଯାଇଛି। ଟିଭି ରିଲେ କେନ୍ଦ୍ର ବନ୍ଦ କରାଯିବା ପରେ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ବିଭାଗ ପକ୍ଷରୁ ବଣାଇଁରେ ଏଫ୍ଏମ୍ ରେଡ଼ିଓ କେନ୍ଦ୍ର ପ୍ରତିଷ୍ଠା ପାଇଁ ବିଭାଗ ପକ୍ଷରୁ ଘୋଷଣା କରାଯାଇଥିଲା। ପରବର୍ତ୍ତୀ ସମୟରେ ଏକ ତିନି ଜଣିଆ ପ୍ରତିନିଧି ଦଳ ବଣାଇଁ ଗସ୍ତରେ ଆସି ଭିତ୍ତିଭୂମି ବ୍ୟବସ୍ଥାକୁ ତଦାରଖ କରିଥିଲେ। ଏହାପରେ ବଣାଇଁରେ ଏଫ୍ଏମ୍ ରେଡ଼ିଓ କେନ୍ଦ୍ର ଖୋଲିବା ନେଇ ଆଶା ସଞ୍ଚାର ହୋଇଥିଲା। ପରବର୍ତ୍ତୀ ସମୟରେ ଜାନୁଆରୀ ୨୦୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସି ମାଧ୍ୟମରେ ଏହି ରେଡ଼ିଓ ଷ୍ଟେସନର ଶିଳାନ୍ୟାସ କରିଥିଲେ। ଏହି ବେତାର କେନ୍ଦ୍ର ଖୋଲିଲେ ବଣାଇଁ ଉପଖଣ୍ଡର ଜନସାଧାରଣ ମନୋରଞ୍ଜନର ଖୋରାକ ପାଇବା ସହିତ ରେଡ଼ିଓ ଷ୍ଟେସନରୁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଶୁଣିବାର ସୁଯୋଗ ପାଇ ପାରିବେ ବୋଲି ଆଶା କରିଥିବା ବେଳେ ଦିନ ଗଡ଼ି ଗଡ଼ି ଚାଲିଥିବାରୁ ବଣାଇଁ ଅଞ୍ଚଳରେ ଥିବା ରେଡ଼ିଓ ପ୍ରେମୀଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ତେଣୁ ସୂଚନା ଓ ପ୍ରସାରଣ ବିଭାଗୀୟ ଅଧିକାରୀ ତୁରନ୍ତ ଷ୍ଟେସନ କାର୍ଯ୍ୟକ୍ଷମ କରିବାକୁ ବଣାଇଁ ଅଞ୍ଚଳର ରେଡ଼ିଓ ପ୍ରେମୀମାନେ ଦାବି କରିଛନ୍ତି।

# କରାଟେ ଫେଡେରେସନ ବିଚାରକ ପରୀକ୍ଷାରେ ରାଜୀବ ଉତ୍ତୀର୍ଣ୍ଣ



**ରାଉରକେଲା, ୨୦।୨(ସମିସ):** ୱାର୍ଲଡ କରାଟେ ଫେଡେରେସନ (ଡବ୍ଲ୍ୟୁକେଏଫ) ପକ୍ଷରୁ ୟୁନାଇଟେଡ଼ ଆରବ ଏମିରାଟ୍ସର ଫୁଜେରାହଠାରେ ଚଳିତ ମାସ ୭ ରୁ ୧୫ରିଖ ପର୍ଯ୍ୟନ୍ତ କରାଟେ ପ୍ରତିଯୋଗିତାର ନୂତନ ନିୟମାବଳୀ ସେମିନାର, ବିଚାରକ ପରୀକ୍ଷା ଓ ବିଶ୍ୱ କରାଟେ ୱାନ ୟୁଥ ଲିଗ ଚାମ୍ପିଅନ୍‌ସିପ-୨୦୨୬ ଆୟୋଜିତ ହୋଇଯାଇଛି। ଚାମ୍ପିଅନସିପ ପାଇଁ ବିଶ୍ୱର ୯୩ ଦେଶରୁ ୨୨୩୬ କରାଟେ କ୍ରୀଡ଼ାବିତ ଓ ବିଚାରକ ପରୀକ୍ଷା ପାଇଁ ପ୍ରାୟ ୩୫୦ ଜଣ ଅଫିସିଆଲ ଏଥିରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ରାଜ୍ୟ କରାଟେ ଆସୋସିଏସନ(ଓସ୍କା)ର ସଭାପତି ହାଂଶୀ ଡ଼. ହରିପ୍ରସାଦ ପଟ୍ଟନାୟକ ଓ କରାଟେ ଇଣ୍ଡିଆ ଅର୍ଗାନାଇଜେସନ (କିଓ)ର ସଭାପତି ହାଂଶୀ ଭାରତ ଶର୍ମାଙ୍କ ଦ୍ୱାରା ମନୋନୀତ ହୋଇ ଓଡ଼ିଶାରୁ ଏକମାତ୍ର ଅଫିସିଆଲ ଭାବେ ରାଜୀବ କୁମାର ସିଂ ଭାରତକୁ ପ୍ରତିନିଧିତ୍ୱ କରି ନୂତନ ନିୟମାବଳୀ ସେମିନାରରେ ଅଂଶଗ୍ରହଣ କରି ଆୟୋଜିତ ଜର୍ଜ ପରୀକ୍ଷାରେ ସଫଳତାର ସହ ଉତୀର୍ଣ୍ଣ ହୋଇ ଓଡ଼ିଶାର ପ୍ରଥମ ଡବ୍ଲୁ.କେ.ଏଫ ଜର୍ଜ ହେବାର ଗୌରବ ଅର୍ଜନ କରିଛନ୍ତି। ବିଶ୍ୱ କରାଟେ ୱାନ ୟୁଥଲିଗ ଚାମ୍ପିୟନସିପରେ ପ୍ରଥମ ଓଡିଆ ଅଫିସିଆଲ ଭାବେ ସେ ଦାୟିତ୍ୱ ତୁଲାଇଥିଲେ। ରାଜୀବ ଆସନ୍ତା ଦିନମାନଙ୍କରେ ଓସ୍କା ଓ କିଓ ମାଧ୍ୟମରେ କରାଟେ କ୍ରୀଡାର ପ୍ରଚାର ପ୍ରସାର ପାଇଁ କାମ କରିବେ ବୋଲି ମତ ପ୍ରକାଶ କରିଛନ୍ତି। ଏହି ସଫଳତା ପାଇଁ କିଓ ର ସଭାପତି ହାଂଶୀ ଭାରତ ଶର୍ମା, ଓସ୍କାର ସଭାପତି ହାଂଶୀ ଡ଼ ହରିପ୍ରସାଦ ପଟ୍ଟନାୟକ, ସମ୍ପାଦିକା ଡ଼ ଗୌରୀ ମହାନ୍ତି, ବିଧାୟକ ସାରଦା ପ୍ରସାଦ ନାୟକଙ୍କ ସହ କିଓ, ଓସ୍କା, ବାସନ୍ତୀ ସଂସ୍କୃତିକ ପରିଷଦ, ରାଉରକେଲା ସହର ସେବା ସମିତି ଆଦି ସଂଗଠନର ସଦସ୍ୟ ଓ କର୍ମକର୍ତ୍ତା, ଅନେକ କ୍ରୀଡା ପ୍ରେମୀ ରାଜୀବଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ଆଜି ରାଉରକେଲା ଫେରିବା ଅବସରରେ ଉତ୍କଳ କରାଟେ ସ୍କୁଲର ଶିକ୍ଷାର୍ଥୀ ଓ ଅଭିଭାବକମାନେ ରାଉରକେଲା ରେଳ ଷ୍ଟେସନରେ ରାଜୀବଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ରାସ୍ତା ତଳକୁ ଖସିଲା କାର୍

**ବଣାଇଁ, ୨୦।୨(ସମିସ):** ଗୁରୁଣ୍ଡିଆ ଥାନା କୁଚିଣ୍ଡା ନରେନ୍ଦ୍ର ରାସ୍ତାର ଗୁରୁଣ୍ଡିଆ ଘାଟି ରାସ୍ତାରେ ଏକ କାର ରାସ୍ତା ତଳକୁ ଖସି ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଏଥିରେ ଯାତ୍ରୀ ସମେତ ଚାଳକ ଅଳ୍ପକେ ରକ୍ଷା ପାଇଛନ୍ତି। ସୂଚନାନୁସାରେ ଓଡି ୨୩ ଏଫ ୨୫୫୬ ନମ୍ବର ବିଶିଷ୍ଟ ଏକ ୱାଗନର କାରରେ ୩ ଜଣ ଯୁବକ ରାତି ୧୦ ଟାରେ ଝାରସୁଗୁଡାରୁ ବାହାରି କେନ୍ଦୁଝର ଅଭିମୁଖେ ଯାଉଥିବା ବେଳେ ରାତି ୨ଟା ସମୟରେ ଗୁରୁଣ୍ଡିଆ ଘାଟି ରାସ୍ତାରେ ଚାଳକଙ୍କ ଆଖି ଲାଗିଯିବାରୁ ବୁଲାଣିରେ ଗାଡିଟି ରାସ୍ତା ତଳକୁ ଖସି ଯାଇଥିଲା। ଗାଡିର ସମ୍ମୁଖ ଭାଗ ଭାଙ୍ଗି ରୁଜି ଯାଇଥିଲେ ମଧ୍ୟ ସମସ୍ତେ ସୁରକ୍ଷିତ ରହିଛନ୍ତି।

**ଅଳ୍ପକେ ବର୍ତ୍ତିଲେ ଚାଳକ ଓ ଯାତ୍ରୀ**



## ଆଇନ ମହାବିଦ୍ୟାଳୟରେ ସାମାଜିକ ନ୍ୟାୟ ଦିବସ

**ରାଉରକେଲା, ୨୦।୨(ସମିସ):** ରାଉରକେଲା ଆଇନ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ. ବିଭୁରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଲିଗାଲ ଏଡ଼ ୟୁନିଟ ଏବଂ ଆଇକ୍ୟୁଏ ୟୁନିଟର ମିଳିତ ଉଦ୍ୟମରେ ସାମାଜିକ ନ୍ୟାୟ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଉପାଧ୍ୟକ୍ଷ, ପ୍ରାଧ୍ୟାପକ, ପ୍ରାଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। କଲେଜର ଛାତ୍ରଛାତ୍ରୀମାନେ ଭବାନୀପୁର ବସ୍ତିକୁ ଯାଇ ବସ୍ତିବାସିନ୍ଦାମାନଙ୍କୁ ସାମାଜିକ ନ୍ୟାୟ ସମ୍ବନ୍ଧରେ ସଚେତନ କରାଇଥିଲେ। ଏତଦ୍‌ବ୍ୟତୀତ ପିଲାମାନଙ୍କୁ ନ୍ୟାୟସମ୍ବନ୍ଧରେ ସଚେତନ କରାଇବା ପାଇଁ ମହାବିଦ୍ୟାଳୟ ତରଫରୁ ଏକ ନ୍ୟାୟ ସମ୍ବନ୍ଧିତ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା।

ନୂଆଗାଁ ବ୍ଲକ୍‌ରେ ଧାନର ଅଭାବୀ ବିକ୍ରି

# ୭ ଦିନ ହେଲା ଟ୍ରାକ୍ଟର ଉପରେ ପଡ଼ିରହିଛି ଧାନ



**ରାଉରକେଲା, ୨୦।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ନୂଆଗାଁ ବ୍ଲକରେ ଧାନର ଅଭାବୀ ବିକ୍ରି ଦେଖିବାକୁ ମିଳିଛି। ୭ ଦିନ ହେଲା ଟ୍ରାକ୍ଟର ଉପରେ ଧାନ ପଡ଼ି ରହିଥିବାରୁ ଚାଷୀ ନିରାଶ ହୋଇଛନ୍ତି। ସେପଟେ ସାଇଟ୍ ଖୋଲୁନି ବୋଲି କହି ଲ୍ୟାମ୍ପ୍ସ କର୍ତ୍ତୃପକ୍ଷ ହାତ ଟେକି ଦେଇଥିବା କହିଛନ୍ତି ଚାଷୀ। ସୂଚନାଯୋଗ୍ୟ, ଚଳିତବର୍ଷ ସୁନ୍ଦରଗଡ଼ ଜିଲ୍ଲାର ନୂଆଗାଁ ବ୍ଲକରେ ଶହ ଶହ ସଂଖ୍ୟାରେ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଥିଲେ। ଧାନ ବିକ୍ରି ପାଇଁ ଲ୍ୟାମ୍ପସକୁ ଯାଇଥିଲେ ମଧ୍ୟ ଲ୍ୟାମ୍ପ୍ସ କର୍ତ୍ତୃପକ୍ଷ ମନା କରି ଦେଇଥିଲେ। ଫଳରେ ଦୀର୍ଘ ସାତ ଦିନ ହେଲା ସୋରଡ଼ା, ହାତିବାରୀ ଓ ନୂଆଗାଁର ଶହ ଶହ ସଂଖ୍ୟାରେ ଚାଷୀ ଲ୍ୟାମ୍ପସକୁ ଧାନ ବିକ୍ରି କରି ନ ପାରି ନିରାଶ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ହାତିବାରୀ ଲ୍ୟାମ୍ପସ ଅଧୀନରେ ୨୪୫୧ ଜଣ ଚାଷୀ ଧାନ ବିକ୍ରିପାଇଁ ନିଜ ନାମ ପଞ୍ଜୀକରଣ କରିଥିବା ବେଳେ ମାତ୍ର ୧୪୦୯ ଜଣ ଚାଷୀ ଏପର୍ଯ୍ୟନ୍ତ ନିଜ ନିଜ ଟୋକନରେ ଧାନ ବିକ୍ରି କରିଛନ୍ତି। ହାତିବାରୀ ଲ୍ୟାମ୍ପ୍ସ କର୍ତ୍ତୃପକ୍ଷ ୬୧ ହଜାର ୯୫୧ କୁଇଣ୍ଟାଲ ଧାନ କ୍ରୟ ପାଇଁ ଟାର୍ଗେଟ ରଖିଥିବା ବେଳେ ମୋଟ ୬୧ ହଜାର ୫୨୫ କୁଇଣ୍ଟାଲ ଧାନ କିଣିଛନ୍ତି। ଏବର୍ଷ ଆହୁରି ୧୦୪୨ ଜଣ ଚାଷୀ ବର୍ତ୍ତମାନ ସୁଦ୍ଧା ସେମାନଙ୍କ ଧାନ ବିକ୍ରିକରି ନାହାଁନ୍ତି। ସେହିଭଳି ନୂଆଗାଁ ସଦର ଲ୍ୟାମ୍ପସରେ ଚଳିତ ବର୍ଷ ୧୪୧୮ ଜଣ ନିଜ ନିଜ ନାମ ପଞ୍ଜିକରଣ କରିଥିଲେ ହେଁ ୮୨୮ ଜଣ ଚାଷୀ ଏପର୍ଯ୍ୟନ୍ତ ୩୯ ହଜାର କୁଇଣ୍ଟାଲ ଧାନ ବିକ୍ରି କରିଥିବା ନୂଆଗାଁ ଲ୍ୟାମ୍ପସ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ଉକ୍ତ ଲ୍ୟାମ୍ପ୍ସରେ ମଧ୍ୟ ଏପର୍ଯ୍ୟନ୍ତ ୫୯୦ ଜଣ ଚାଷୀ ନିଜ ନିଜ ଧାନ ବିକ୍ରିକରି ନ ପରି ଚିନ୍ତାରେ ବସିଛନ୍ତି। ଯାହାକୁ ନେଇ ଚାଷୀ ଅସନ୍ତୋଷ ପ୍ରକାଶ କରିବା ସହ ଆଗାମୀ ଦିନରେ ଏହାର ଉଚିତ ଜବାବ ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି।

**ସାଇଟ୍ ଖୋଲୁନି କହି ହାତ ଟେକିଦେଲେ ଲ୍ୟାମ୍ପ୍ସ କର୍ତ୍ତୃପକ୍ଷ**

ସକାଳ
THE SAKALA



# କେନ୍ଦୁପତ୍ର କର୍ମଚାରୀ ସଂଘର ଗଣଧାରଣା



ରିଆମାଳ,୨୦।୨(ସମିସ): ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଡ଼ାକରାରେ ଦେବଗଡ଼ ଜିଲ୍ଲା ରିଆମାଳ କେଏଲ୍ ରେଞ୍ଜ ଅଫିସ ସମ୍ମୁଖରେ ଆଜି ରିଆମାଳ ବ୍ଲକର ସମସ୍ତ ସିଜିନାଲ କେନ୍ଦୁପତ୍ର କର୍ମଚାରୀ ସଂଘର ସଦସ୍ୟ ଗଣଧାରଣାରେ ବସିଛନ୍ତି। କେନ୍ଦୁପତ୍ର କେରି ବୃଦ୍ଧି, ସିଜିନାର କର୍ମଚାରୀମାନଙ୍କ ମାସିକ ମଜୁରୀ ବୃଦ୍ଧି, ବନ୍ଧେଇ ଶ୍ରମିକମାନଙ୍କ ବଜେଟରେ ସାମାଜିକ ନିରାପତ୍ତା ପାଇଁ ୨୦୦ କୋଟି ଟଙ୍କାର ପ୍ରବଧାନ, ଫଡ଼ି ଉଚ୍ଛେଦ ବନ୍ଦ କରିବା, ଘରୋଇ କରଣ ବନ୍ଦ, କେଏଲ୍ ଡିବିରେ ସଂଘର ପ୍ରତିନିଧିଙ୍କୁ ମନୋନୀତ ଓ ସଂଶୋଧନ ପ୍ରସ୍ତୁତି ଆଦି ଦାବିରେ ରେଞ୍ଜ ଅଫିସ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ରିଆମାଳ ରେଞ୍ଜ ସମ୍ପାଦକ ଗନ୍ଧର୍ବ ପ୍ରଧାନଙ୍କ ନେତୃତ୍ୱରେ ରିଆମାଳ ସେକ୍ସନ ଘନଶ୍ୟାମ ପ୍ରଧାନ, ମାଝିମୁଣ୍ଡା ସେକ୍ସନ ଶଙ୍କର୍ଷଣ ପ୍ରଧାନ, କଣ୍ଟାବାହଳ ସେକ୍ସନ ତିର୍ଥବାସୀ ମାଝୀ, ଦେବେନ୍ଦ୍ର ବଣିଛୁଟ, ବିଭୂତି ଭୂଷଣ ପ୍ରଧାନ, ପ୍ରଦୀପ ସାହୁ, ବାବାଜି ସାହୁ, ଗଗନ ବିହାରୀ ସାହୁ, ଭକ୍ତବନ୍ଧୁ ପ୍ରଧାନ, ଅମୁଲ୍ୟ ମହାକୁଳ ସମେତ ୧୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଉପସ୍ଥିତ ଥିଲେ। ଦୁଇ ଦିନ ଧରି ଗଣଧାରଣା ଜାରି ରହିବ ବୋଲି ଜଣାପଡ଼ିଛି।

## କୃଷକ ସଂଗଠନର ବୈଠକ

# ଧାନ କିଣାରେ ଅନିୟମିତତା ନେଇ ୨୩ରେ ରାସ୍ତାରୋକ

ଇବଥର୍ମାଲ,୨୦।୨(ସମିସ)

ଆଞ୍ଚଳିକ ମା'ସମଲେଇ କୃଷକ ସଙ୍ଗଠନ ଆହ୍ୱାନ କ୍ରମେ କୁମ୍ଭାରବନ୍ଧ ପଞ୍ଚାୟତ ଝାରମୁଣ୍ଡାଠାରେ ଅଞ୍ଚଳର ଚାଷୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷକ ସଙ୍ଗଠନର ବରିଷ୍ଠ

**ଚାଷୀଙ୍କ ବକେୟା ଧାନ କିଣିବା ସହ ଟୋକନ ନବୀକରଣ ଦାବି**



ସଦସ୍ୟ ଅମୂଲ୍ୟ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଧାନ କିଣା ଅନିୟମିତତାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ସୀମାନ୍ତ ଛତିଶଗଡ଼ ରାଜ୍ୟରେ ଧାନ କିଣା ପ୍ରାୟତଃ ସରିଥିବା ବେଳେ ସୀମାକୁ ଲାଗିଥିବା ଝାରସୁଗୁଡ଼ା ଜିଲ୍ଲାରେ ଏପର୍ଯ୍ୟନ୍ତ ଚାଷୀଙ୍କ ଧାନ ବିକ୍ରି ହୋଇପାରି ନାହିଁ। ଚଳିତ ବର୍ଷର ଟାର୍ଗେଟ ଅନୁସାରେ ଆହୁରି ହଜାର ହଜାର କୁଇଣ୍ଟାଲ ଧାନ କିଣାରେ ଅନିୟମିତତା ଦେଖାଦେଇଛି। ଚାଷୀଙ୍କ ଧାନ କିଣା ନହେବା, ଧାନ କିଣାରେ ଅନିୟମିତତା, ଟାର୍ଗେଟ ନିର୍ଦ୍ଧାରଣ ସହିତ ଟୋକନ ଗୁଡିକ ଲାପସ୍ ହେବା, ଆସିଥିବା ଟୋକନ ବର୍ତ୍ତମାନ ସୋ ନକରିବା ଭଳି ସମସ୍ୟା ତିଲିଆ ସେବା ସମବାୟ ସମିତି ଅନ୍ତର୍ଗତ ତିଲିଆ, ରମ୍ପେଲା, କୁମ୍ଭାରବନ୍ଧ ତଥା ପିପିଲିକାନି ପ୍ରମୁଖ ଚାରୋଟି ପଞ୍ଚାୟତର ଚାଷୀମାନେ ଭୋଗୁଛନ୍ତି। ଏହି ସମସ୍ୟା ଉପରେ ଚାଷୀମାନେ ଆଲୋଚନା କରିବା ସହ ଅଭାବି ଟାର୍ଗେଟ ଓ ଟୋକନ ଅବ୍ୟବସ୍ଥାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଚାଷୀଙ୍କ ବକେୟା ଧାନ କିଣିବା ସହ ଟୋକନ ନବୀକରଣ ପାଇଁ ଚାଷୀମାନେ ଦାବି କରିଥିଲେ। ଆସନ୍ତା ୨୩ ତାରିଖ ଦିନ ସକାଳୁ ବନ୍ଧବାହାଲ ରେଙ୍ଗାଲି ମୁଖ୍ୟରାସ୍ତା ରମ୍ପେଲା ପଞ୍ଚାୟତ ଅନ୍ତର୍ଗତ ଢୁନଢୁନ ଛକ ଉପରେ ରାସ୍ତା ଅବରୋଧ କରିବାକୁ ପ୍ରସ୍ତାବ ଆଗତ କରାଯାଇଥିଲା। ପ୍ରସ୍ତାବଟି ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଆଜିର ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ଲିଙ୍ଗରାଜ ବଢେଇ, ଶୁଭମ ତ୍ରିପାଠୀ, ରମାକାନ୍ତ ଠାକୁର, ପ୍ରେମଚାନ୍ଦ ଠାକୁର, ରମେଶ ବିଶ୍ୱାଳ, ଦାମୋଦର ବଢେଇ, ଭୋନାଥ ବଢେଇ, ବଳରାମ ସା, ଅଜିତ ବେହେରା, ସୁଶିଲ କୁମାର ସାହୁ ପ୍ରମୁଖ ଭାଗ ନେଇଥିଲେ।

# ଅଜଣା ଗାଡ଼ି ଧକ୍କାରେ ନାବାଳକ ମୃତ

ଦେବଗଡ,୨୦।୨(ସମିସ): ଗତକାଲି ରାତ୍ରୀରେ ଦେବଗଡ ଥାନା କଲଣ୍ଡା ଗ୍ରାମପଞ୍ଚାୟତ ସଦର ମହକୁମାରେ କୌଣସି ଏକ ଅଜଣା ଗାଡି ଧକ୍କାରେ ଜଣେ ୧୩ ବର୍ଷର ନାବାଳକର ମୃତ୍ୟୁ ଘଟିଛି। ମୃତ ନାବାଳକ ଜଣକ କଲଣ୍ଡା ଗ୍ରାମର ଜଗା ଉଦାବରଙ୍କ ପୁତ୍ର ରାକେଶ ଉଦାବର(୧୩) ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ରାତିରେ ଘର ଠାରୁ ପ୍ରାୟ ୧୦୦ ମିଟର ଦୂରରେ ରାକେଶଙ୍କୁ କୌଣସି ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଦେବଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାପାଇ ଦେବଗଡ ଥାନା ପୁଲିସ ରାକେଶଙ୍କ ମୃତଦେହ ଜବତ କରିବା ସହ ଆଜି ସକାଳେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ଏନେଇ ରାକେଶଙ୍କ ପରିବାର ଲୋକେ ଦେବଗଡ ଥାନାରେ ଅଭିଯୋଗ କରିଥିବା ବେଳେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ




ଝାରସୁଗୁଡ଼ା,୨୦।୨(ସମିସ): ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପଞ୍ଚପଡ଼ାସ୍ଥିତ ବୃଦ୍ଧାଶ୍ରମରେ ପ୍ରାତଃ ସମୟରେ ଯୋଗ ଶିବିର ସହିତ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏହାପରେ ସ୍ଥାନୀୟ ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ଏକ ସଚେତନତା ଶିବିର ଆୟୋଜିତ ହୋଇଥିଲା। ଶିବିରରେ ବରିଷ୍ଠ ନାଗରିକମାନଙ୍କୁ ଅନଲାଇନ୍ ସରକାରୀ ସେବା, ଡିଜିଟାଲ୍ ଓ ଆର୍ଥିକ ସାକ୍ଷରତା, ସାଇବର ଠକାମିରୁ ସୁରକ୍ଷା, ଅଭିଯୋଗ ସମାଧାନ ପୋର୍ଟାଲ୍, ଭତ୍ତା ସେବା ଏବଂ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ସଚେତନ କରାଯାଇଥିଲା। ଏହି ସମାରୋହରେ ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସାମାଜିକ ନ୍ୟାୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାପାଳ ବୟସ୍କ ନାଗରିକମାନେ ହେଉଛନ୍ତି ଆମ ସମାଜର ପ୍ରକୃତ ସ୍ତମ୍ଭ। ସେମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମନ୍ଦା ହାସଦା, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ସୁରମା ପଣ୍ଡା, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ତରଣୀ ବେହେରା, ମୁଖ୍ୟ ବ୍ୟାଙ୍କ ପରିଚାଳକ ସିରପାଣି ନାଏକ ଏବଂ ବରିଷ୍ଠ ନାଗରିକ ସଂଘର ସଭ୍ୟମାନେ ଉପସ୍ଥିତ ଥିଲେ। କନିଷ୍ଠ ସହାୟକ ପ୍ରଜ୍ଞା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଆଦିତ୍ୟ ବାଦୀ, ସୁସ୍ମିତା ଭୋଇ, ପ୍ରଦ୍ୟୁମ୍ନ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ବିଭାଗୀୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**● ଟ୍ରକ୍ ଟର୍ମିନାଲ ସମ୍ପ୍ରସାରଣର ସ୍ଥିତି ସମୀକ୍ଷା କଲେ ଜିଲ୍ଲାପାଳ**

# ଜବରଦଖଲ ଉଚ୍ଛେଦ ଓ ପରିତ୍ୟକ୍ତ ଗାଡ଼ି ହଟାଇବାକୁ ନିର୍ଦ୍ଦେଶ



ଝାରସୁଗୁଡ଼ା,୨୦।୨(ସମିସ): ଜିଲ୍ଲାରେ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ବ୍ରଜରାଜନଗର ଗସ୍ତ କରି ପ୍ରସ୍ତାବିତ ଟ୍ରକ୍ ଟର୍ମିନାଲର ସମ୍ପ୍ରସାରଣ ପାଇଁ ଉଦ୍ଦିଷ୍ଟ ଜମିର ସ୍ଥିତି ଅନୁଧ୍ୟାନ କରିଛନ୍ତି। ପରିଦର୍ଶନ ସମୟରେ ଜିଲ୍ଲାପାଳ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଟର୍ମିନସ ପାଇଁ ଉଦ୍ଦିଷ୍ଟ ସରକାରୀ ଜମିରୁ ସମସ୍ତ ପ୍ରକାର ଜବରଦଖଲ ହଟାଇବା ପାଇଁ ଝାରସୁଗୁଡ଼ା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରାସ୍ତା କଡ଼ରେ କିମ୍ବା ପ୍ରସ୍ତାବିତ ସ୍ଥାନରେ ପଡ଼ି ରହିଥିବା ପରିତ୍ୟକ୍ତ ଯାନବାହନଗୁଡ଼ିକୁ ତୁରନ୍ତ ସେଠାରୁ ହଟାଇବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ଅଞ୍ଚଳର ଭିତ୍ତିଭୂମି ବିକାଶ ପାଇଁ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଏକ ବିସ୍ତୃତ ବ୍ୟୟ ଅଟକଳ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଟର୍ମିନାଲ୍ ପରିସରରେ ପରିବେଶ ସନ୍ତୁଳନ ରକ୍ଷା ପାଇଁ ବନଖଣ୍ଡ ଅଧିକାରୀଙ୍କୁ ବ୍ୟାପକ ବୃକ୍ଷରୋପଣ ଯୋଜନା ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗସ୍ତ ସମୟରେ ସ୍ଥାନୀୟ ତହସିଲଦାର, ଆରଟିଓ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ପଦାଧିକାରୀମାନେ ଉପସ୍ଥିତ ରହି ପ୍ରକଳ୍ପର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ।

# ଖୁଡ଼ି ହତ୍ୟାକାରୀ ପୁତୁରାକୁ ଆଜୀବନ

ଦେବଗଡ଼,୨୦।୨(ସମିସ): ରିଆମାଳ ଥାନାଞ୍ଚଳରେ ଗତ ୨୦୨୦ ମସିହାରେ ସଂଗଠିତ ଖୁଡ଼ିକୁ ପୁତୁରା ହତ୍ୟା ମାମଲାର ବିଚାର କରି ଜିଲ୍ଲା ତଥା ଦୌରାଜଜ୍ ଦେବାଶିଷ ରାଉତ ରାୟ ପ୍ରକାଶ କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଥିବା ଜଣାପଡିଛି। ସୂଚନାନୁଯାୟୀ, ଗତ ୨୦୨୦ ମସିହା ଫେବୃଆରୀ ୧୦ ତାରିଖ ଦିନ ମୃତ ମହିଳା ଫିଗୁଆ ସ୍ୱାଇଁ ନିଜ ପିଆଜ କିଆରିରୁ ପାଣି ଛାଡିବା ଯୋଗୁଁ ଅଭିଯୁକ୍ତ ପୁତୁରା ଲିଙ୍ଗରାଜ ସ୍ୱାଇଁଙ୍କ କୁଡ଼ିଆ ଘରେ ପାଣି ପଶି ଯାଇଥିଲା। ଏହି ଘଟଣାକୁ କେନ୍ଦ୍ରକରି ଅଭିଯୁକ୍ତ ଲିଙ୍ଗରାଜ ନିଜ ଖୁଡିକୁ ଏକ ଟାଙ୍ଗିଆ ସାହାର୍ଯ୍ୟରେ ନିର୍ମମ ଭାବେ ହତ୍ୟା କରିଥିଲା। ହତ୍ୟାକାଣ୍ଡ ସମୟରେ ଅଭିଯୁକ୍ତର ସ୍ତ୍ରୀ ଘଟଣା ସ୍ଥଳରେ ଉପସ୍ଥିତ ରହି ଅଭିଯୁକ୍ତକୁ ଉଷୁକାଇଥିବା ନେଇ ରିଆମାଳ ଥାନା କେଶ ନମ୍ବର ୨୪/୨୦୨୦ରେ ଦଫା ୩୦୨/୪୪୯/୫୦୬ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାକୁ ତତ୍କାଳୀନ ରିଆମାଳ ଥାନା ଅଧିକାରୀ ପ୍ରଦୀପ କେରକେଟ୍ଟା ତଦନ୍ତ କରି କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ଏହି ମାମଲାର ବିଚାର କରି

**ପୁତୁରା ବୋହୂ ନିର୍ଦ୍ଦୋଷରେ ଖଲାସ**

ସମସ୍ତ ଦସ୍ତାବିଜ ଓ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତ ଲିଙ୍ଗରାଜକୁ ଦଫା ୩୦୨ ଅନ୍ତର୍ଗତ ଅପରାଧ ପାଇଁ ଆଜୀବନ ସଶ୍ରମ କାରାଦଣ୍ଡ ସହ ପାଞ୍ଚ ହଜାର ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ୬ ମାସ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଦଫା ୪୪୯ ଅନ୍ତର୍ଗତ ଅପରାଧ ପାଇଁ ପାଞ୍ଚ ବର୍ଷ ସଶ୍ରମ କାରାଦଣ୍ଡ ସହ ପାଞ୍ଚ ହଜାର ଜୋରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଏହାର ଜରିମାନା ଅନାଦେୟ ସ୍ଥଳେ ଅଧିକ ତିନି ମାସ କାରାଦଣ୍ଡ ଓ ଦଫା ୫୦୬ ଅନ୍ତର୍ଗତ ଅପରାଧ ପାଇଁ ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ପାଞ୍ଚ ହଜାର ଟଙ୍କା ଜୋରିମାନା ଦଣ୍ଡ ଦେଇଛନ୍ତି। ଜରିମାନା ଟଙ୍କା ଅନାଦେୟ ସ୍ଥଳେ ଅଧିକ ତିନିମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ପୁତୁରା ବୋହୂ ରଶ୍ମିତା ସ୍ୱାଇଁଙ୍କୁ ଯଥେଷ୍ଟ ପ୍ରମାଣ ଅଭାବରୁ ଅଦାଲତ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏହି ମାମଲା ସରକାରଙ୍କ ପକ୍ଷରୁ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ଯୋଗେଶ୍ୱର ପାତ୍ର ପରିଚାଳନା କରୁଥିବା ବେଳେ ମାମଲାର ବିଚାର ପ୍ରକ୍ରିୟାକୁ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ମହାନ୍ତି ଏବଂ ସହକାରୀ ନିର୍ଦ୍ଦେଶକ ନିରଞ୍ଜନ ନାୟକ ତଦାରଖ କରୁଥିବା ସୂଚନା ମିଳିଛି।

# ମଦ୍ୟପ ଟ୍ରକ୍ ଚାଳକ ଗିରଫ




ଦେବଗଡ,୨୦।୨(ସମିସ): ସଡକରେ ମୃତ୍ୟୁର ଖେଳ ଖେଳୁଥିଲା ମଦ୍ୟପ ଟ୍ରକ ଚାଳକ। ଏହାର ସୂଚନା ପାଇ ପୁଲିସ ଟ୍ରକ୍ ଜବତ କରିବା ସହିତ ମଦ୍ୟପ ଟ୍ରକ୍ ଚାଳକଙ୍କୁ ଅଟକ ରଖି ଏକ ମାମଲା ରୁଜୁ କରିଥିବା ଜଣାପଡିଛି। ଗତକାଲି ରାତିରେ ଦେବଗଡ ପଟୁ ବାରକୋଟ ଅଭିମୁଖେ ଓଆର-୧୯-ଇ-୦୦୩୨ ନମ୍ବର ଥିବା ଏକ ଟ୍ରକ ଦ୍ରୁତଗତିରେ ରାସ୍ତାର ଏପଟସେପଟ ହୋଇଯାଉଥିଲା। ଦେବଗଡ ନୂତନ ବସଷ୍ଟାଣ୍ଡ ଛକରେ ଥିବା ହମ୍ପସ୍‌ରେ ବ୍ରେକ ନଦେଇ ଦ୍ରୁତଗତିରେ ଯାଉଥିବା ବେଳେ ଦୁର୍ଘଟଣାରୁ ଏକ ବାଇକ୍ ଅଳ୍ପକେ ବର୍ତ୍ତି ଯାଇଥିଲା। ବାଇକ ଆରୋହୀ ଏନେଇ ଦେବଗଡ ଏବଂ ବାରକୋଟ ଥାନା ଅଧିକାରୀଙ୍କୁ ଫୋନ କରି ସୂଚନା ଦେଇଥିଲେ। ବାରକୋଟଠାରେ ପୋଲିସ ତୁରନ୍ତ ପାଟ୍ରୋଲିଂ ଆରମ୍ଭ କରିବା ସହିତ ଉକ୍ତ ଟ୍ରକକୁ ଅଟକାଇଥିଲା । ବ୍ରେଥ୍ ଏନାଲାଇଜର୍ ଯୋଗେ ଟ୍ରକ ଚାଳକଙ୍କ ଯାଞ୍ଚ କରିବାରୁ ୩୩୨ଏମ୍‌ଜି/୧୦୦ ଏମଏଲ ଆଲକୋହଲ ରହିଥିବା ଜଣାପଡିଥିଲା। ଫଳରେ ଉକ୍ତ ଟ୍ରକ୍ ଜବତ କରିବା ସହିତ ଟ୍ରକ୍ ଚାଳକଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଛି। ଆଜି ତାଙ୍କୁ ନୋଟିସ ଦେଇ ଛଡାଯିବ ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି।

# ଜଙ୍ଗଲ ଜମିରୁ ଜବରଦଖଲ ହଟାଇବାକୁ ଡିଏଫ୍‌ଓଙ୍କ ଚିଠି

ଝାରସୁଗୁଡା,୨୦।୨(ସମିସ): ବିଭିନ୍ନ କମ୍ପାନୀ ଝାରସୁଗୁଡା ଜିଲ୍ଲାରେ ଜଙ୍ଗଲ ଜମିକୁ ବେଆଇନ ଭାବେ ଜବରଦଖଲ କରି ରଖିଥିବା ନେଇ ଅନେକ ଅଭିଯୋଗ ହୋଇଆସୁଛି। ଏହାକୁ ନେଇ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଳ ସମ୍ବଲପୁର ପିସିସିଏଫଙ୍କୁ ପତ୍ର ଲେଖି ଅବଗତ କରିବା ପରେ ଝାରସୁଗୁଡା ଓ ସମ୍ବଲପୁର ଜିଲ୍ଲାରେ କମ୍ପାନୀଦ୍ୱାରା ଜବରଦଖଲ ହୋଇଥିବା ଜଙ୍ଗଲ ଜମିରୁ ଜବରଦଖଲ ହଟାଇବା ପାଇଁ ବନବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ ଝାରସୁଗୁଡା ଡିଏଫଓ ଜିଲ୍ଲାପାଳଙ୍କୁ ଏକ ପତ୍ର ଲେଖି ଜଙ୍ଗଲ ଅଧିନିୟମ ୨୦୨୩ ଆଇନର ପାଳନ କରିବା ସହ କମ୍ପାନୀମାନଙ୍କ କବଳରୁ ଜବରଦଖଲ ଜଙ୍ଗଲ ଜମିକୁ ମୁକ୍ତ କରିବା, ଜଙ୍ଗଲ ଓ ପରିବେଶର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଏହାସହ ଏକ ଯୁଗ୍ମ ତଦନ୍ତ କରି ଜଙ୍ଗଲ ଜମି ଅକ୍ତିଆର କରିଥିବା କମ୍ପାନୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହାର ଏକକିତା ନକଲ ସିସିଏଫ ସମ୍ବଲପୁର, ଝାରସୁଗୁଡା ଜିଲ୍ଲାର ସମସ୍ତ ରେଞ୍ଜର ଓ ତହସିଲଦାରଙ୍କୁ ପ୍ରେରଣ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଥିବା ନେଇ ସୂଚନା ମିଳିଛି। ସୂଚନାନୁଯାୟୀ, ଝାରସୁଗୁଡା ଓ ସମ୍ବଲପୁର ଜିଲ୍ଲାରେ ଅନେକ ଗୁଡିଏ କମ୍ପାନୀ ଜଙ୍ଗଲ ଜମି ଦଖଲ କରିଥିବା ନେଇ ବିଧାୟକ ହରିପାଲ ଗତ ସପ୍ତାହରେ ଝାରସୁଗୁଡା ଓ ସମ୍ବଲପୁର ଗସ୍ତରେ ଆସିଥିବା ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟିର ଚେୟାରମାନଙ୍କୁ ପତ୍ର ଦେଇଥିଲେ।

# ୨ ଉପଖଣ୍ଡ, ୩ ବ୍ଲକ୍ ଓ ୨ ଏନ୍‌ଏସି ପାଇଁ ଜିଲ୍ଲା କଂଗ୍ରେସର ଦାବି

ଦେବଗଡ,୨୦।୨(ସମିସ): ଦେବଗଡ ଜିଲ୍ଲାର ଆୟତନ ଅନୁପାତକୁ ଦୃଷ୍ଟିରେ ରଖି ବାରକୋଟ ଓ ରିଆମାଳ ବ୍ଲକକୁ ଉପଖଣ୍ଡର ମାନ୍ୟତା ପ୍ରଦାନ ସହିତ ତିନୋଟି ବ୍ଲକ ଓ ୨ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ନିମନ୍ତେ ଦେବଗଡ ଜିଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଆଜି ଦେବଗଡ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ ଦଳିତ ନେତା ଓ କର୍ମୀଙ୍କ ସହିତ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ କବିନ୍ଦ୍ର କୁମାର ସାହୁଙ୍କୁ ଏ ମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ଜିଲା କଂଗ୍ରେସ ସଭାପତି ଶ୍ରୀ ହେମ୍ବ୍ରମଙ୍କ ସହିତ ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, କଂଗ୍ରେସ ଏସ୍‌ସି ସେଲ ସଭାପତି ରମେଶ ପାତ୍ର, ଆନନ୍ଦ କୁଲା, ସୁମନ୍ତ ସାହୁ ଓ ଇଲିୟାସ ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିକ୍ରେତା ବିକାଶ ବୈଠକ

# ଏମ୍‌ଏସ୍‌ଏମ୍‌ଇ ଠାରୁ ସାମଗ୍ରୀ କ୍ରୟ ବଢ଼ାଇବାକୁ ନିର୍ଦ୍ଦେଶ

ଝାରସୁଗୁଡ଼ା,୨୦।୨(ସମିସ)




ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଏକ ବିକ୍ରେତା ବିକାଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମ୍ବଲପୁରର ଏମସିଏଲ୍, ବାନହରପାଲିର ଓପିଜିସି ଲିମିଟେଡ୍, ବେଦାନ୍ତ ଲିମିଟେଡ୍ ଭଳି ବୃହତ୍ତ ଶିଳ୍ପସଂସ୍ଥାର କ୍ରୟ ବିଭାଗ ମୁଖ୍ୟମାନଙ୍କ ସମେତ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପ୍ରବନ୍ଧକ, ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂଘର ସଭାପତି, ଜିଲ୍ଲାର ଅନ୍ୟାନ୍ୟ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀମାନେ ଯୋଗଦେଇଥିଲେ। ଆଞ୍ଚଳିକ ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସ୍ଥାନୀୟ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକଠାରୁ ଅଧିକ ପରିମାଣରେ ସାମଗ୍ରୀ କ୍ରୟ କରିବାକୁ ଜିଲ୍ଲାପାଳ ବୃହତ୍ତ ଶିଳ୍ପ ସଂସ୍ଥାଗୁଡ଼ିକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଆଲୋଚନା ସମୟରେ ବିଭିନ୍ନ ବୃହତ୍ତ ଶିଳ୍ପର କ୍ରୟ ବିଭାଗ ମୁଖ୍ୟମାନେ ସେମାନଙ୍କର ଆବଶ୍ୟକତା ଏବଂ ସେହି ସମସ୍ତ ସାମଗ୍ରୀର ଏକ ତାଲିକା ପ୍ରଦାନ କରିଥିଲେ, ଯାହା ସ୍ଥାନୀୟ ଏମ୍‌ଏସ୍‌ଏମ୍‌ଇଗୁଡିକ ଯୋଗାଇବେ। ସ୍ଥାନୀୟ ଉଦ୍ୟୋଗୀମାନେ ଯେପରି ବୃହତ୍ତ ଶିଳ୍ପର ଚାହିଦା ଓ ମାନ ଅନୁଯାୟୀ ସାମଗ୍ରୀ ପ୍ରସ୍ତୁତ କରି ସେମାନଙ୍କ ସହ ସଫଳ ବ୍ୟବସାୟିକ ସମ୍ପର୍କ ସ୍ଥାପନ କରିପାରିବେ, ସେଥିପାଇଁ ପ୍ରଶାସନ ପକ୍ଷରୁ ଏକ ସହାୟକ ବାତାବରଣ ସୃଷ୍ଟି କରାଯିବ। ବୃହତ୍ତ ଶିଳ୍ପ ଓ ସ୍ଥାନୀୟ ଉଦ୍ୟୋଗୀଙ୍କ ମଧ୍ୟରେ ଏହି ସମନ୍ୱୟ ଜିଲ୍ଲାର ଶିଳ୍ପ କ୍ଷେତ୍ରରେ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ସହାୟକ ହେବ ସେଥିପ୍ରତି ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

## ୯ ରେଞ୍ଜରେ କେନ୍ଦୁପତ୍ର କର୍ମଚାରୀଙ୍କ ଗଣବିକ୍ଷୋଭ

# ଦାବିପୂରଣ ନ ହେଲେ ୨୭ରେ ରାସ୍ତାରୋକ ଚେତାବନୀ



ଦେବଗଡ,୨୦।୨(ସମିସ): ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଘୋଷିତ ଦୁଇଦିନିଆ ଗଣଧାରଣାର ପ୍ରଥମ ଦିବସରେ ଦେବଗଡ ଡିଭିଜନର ସମସ୍ତ ୯ଟି ରେଞ୍ଜରେ ଗଣବିକ୍ଷୋଭ ଓ ଧାରଣା ଅନୁଷ୍ଠିତ ହୋଇଯାଇଛି। ଦେବଗଡର ସମସ୍ତ ରେଞ୍ଜରେ ଶତାଧିକ ତୋଳାଳୀ ଓ ସିଜନାଲ୍ କର୍ମଚାରୀ ନିଜ ନିଜ ଦାବି ନେଇ ଧାରଣାରେ ସାମିଲ ହୋଇଥିଲେ। କେନ୍ଦୁପତ୍ର ତୋଳାଳୀଙ୍କ କେରି ପ୍ରତି ଦର ବୃଦ୍ଧି, ସିଜନାଲ୍ କର୍ମଚାରୀଙ୍କୁ ସର୍ବନିମ୍ନ ମଜୁରୀ ୨୦୨୪ ଅନୁପାତରେ ପ୍ରଦାନ, ବନ୍ଧେଇ ଶ୍ରମିକଙ୍କ ବଣ୍ଡଲ୍ ପ୍ରତି ଦର ବୃଦ୍ଧି, ବୋନସ୍ ଘୋଷଣା, ସାମାଜିକ ନିରାପତ୍ତା ପାଇଁ ୨୦୦ କୋଟି ଟଙ୍କା ବଜେଟ୍ ପ୍ରାବଧାନ ଓ ମୃତ୍ୟୁକାଳୀନ ସହାୟତାକୁ ୪ ଲକ୍ଷ ଟଙ୍କା କରିବା, ବୋନସ ପ୍ରଦାନ, କେଏଲ ଡିବିରେ ସଂଶୋଧନ, କେନ୍ଦୁପତ୍ର ସଂସ୍ଥାରେ ଘରୋଇକରଣ ବନ୍ଦ ଆଦି ଦାବି କରାଯାଇଛି। ଏଥିସହ କେନ୍ଦୁପତ୍ର ଫଡ଼ି ଉଚ୍ଛେଦ ଓ ପ୍ରସ୍ତାବିତ ଘରୋଇକରଣ ପ୍ରତିବାଦରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା। ରାଜ୍ୟ ସଂଗଠନ ସମ୍ପାଦକ ସଞ୍ଜିତ ମହାନ୍ତି ଓ ମିଡ଼ିଆ ସଂଯୋଜକ ଦେବ ଜ୍ୟୋତି ପଟ୍ଟନାୟକ ସମସ୍ତ ରେଞ୍ଜ ଗସ୍ତ କରି ତୋଳାଳୀ ଓ କର୍ମଚାରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଶ୍ରୀ ମହାନ୍ତି ଦାବି ପୂରଣ ନହେଲେ ଆଗାମୀ ୨୭ ଫେବୃଆରୀରେ ଦେବଗଡ ସହ ତିଲେଇବଣି, ବାରକୋଟ, ରିଆମାଳ ସହ ରାଜ୍ୟତମାମ ରାସ୍ତା ରୋକ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଚେତାବନୀ ଶୁଣାଇଥିଲେ। ଆଜିର ଏହି ବିକ୍ଷୋଭରେ ରେଞ୍ଜ ସମ୍ପାଦକ ଭଗବାନ ପ୍ରଧାନ, ଅର୍ଜୁନ ପ୍ରଧାନ, ବିରେନ ଦେବ, ଦୁଃଖି ବନ୍ଧୁ ବେହେରା, ଅଲେଖ ମହାନନ୍ଦ, ଅରୁଣ ସାହୁ, ଗନ୍ଧର୍ବ ପ୍ରଧାନ, ଜ୍ଞାନ ଗଡ଼ନାୟକ ପ୍ରମୁଖଙ୍କ ନେତୃତ୍ୱରେ ସମସ୍ତ ରେଞ୍ଜରେ ଶତାଧିକ ତୋଳାଳୀ ଓ କର୍ମଚାରୀ ଧାରଣାରେ ସାମିଲ ହୋଇଥିଲେ।

# ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପୁରସ୍କୃତ



ଅମ୍ବାଭୋନା,୨୦।୨(ସମିସ):ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତି ଓ ଜନଆରୋଗ୍ୟ ସମିତି ସମ୍ମିଳନୀରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପୁରସ୍କୃତ ହୋଇଛି। ଆୟୁଷ୍ମାନ ଆରୋଗ୍ୟ ଶିବିର ପରିଚାଳନାରେ ଓ ଜନ ଆରୋଗ୍ୟ ସମିତି ବୈଠକ ପରିଚାଳନାରେ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରି ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପୁରସ୍କୃତ ହୋଇଛି। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ବରଗଡ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କ ଠାରୁ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ପୀତବାସ ପ୍ରଧାନ ମାନପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବିପିଏମ ମନୋରଞ୍ଜନ ପ୍ରଧାନ, ସ୍ୱାସ୍ଥ୍ୟ ପରିଦର୍ଶକ ଗୋବିନ୍ଦ ପଧାନ,ବିଡ଼ିଏମ ମେଘନାଦ ପ୍ରଧାନ, ବିଏଏମ ଉମେଶ ପ୍ରଧାନ, ପିଏଚଇ ଓ ରିତାଞ୍ଜଳୀ ମିଶ୍ର, ଯକ୍ଷ୍ମା ସୁପରଭାଇଜର ଶଙ୍କର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଅମ୍ବାଭୋନା ଗ୍ରାମ ର ଆଶା କର୍ମୀ ସୌଦାମିନୀ ନାଏକ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କୃତ ହୋଇଥିଲେ।ସୁସ୍ଥ ଗ୍ରାମ ଭାବେ ଲେଥେର ଉପକେନ୍ଦ୍ରର ଜରିମୁଳି ଗ୍ରାମକୁ ମୁଖ୍ୟଅତିଥି ସ୍ଥାନୀୟ ଆଶା କର୍ମୀ ରୁକ୍ମଣୀ ହଲେତ ଓ ଅଙ୍ଗନବାଡି କର୍ମୀ ମସ୍ୟକି ସେଠଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଶ୍ରେଷ୍ଠ ଜନଆରୋଗ୍ୟ ସମିତି ଭାବେ ଉତ୍ତମ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଅନ୍ୟତମ ଅତିଥି ଡ. ଯୋଶୀ ପୁରସ୍କୃତ କରିଥିଲେ। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟପ୍ରକାଶ ନାଏକ ଓ ସ୍ଥାନୀୟ ସରପଞ୍ଚ ଶ୍ରୀଯୁକ୍ତ ହୀରାଧର ସାହୁ ମାନପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ।ସେହିପରି ଜାତୀୟ ଗୁଣବତ୍ତା ପ୍ରମାଣନ ପାଇଁ ବାଞ୍ଜିପାଲି, କଣ୍ଡପଲା ଓ ଲେଥେର ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ପୁରସ୍କୃତ କରାଯାଇଥିଲା। ମାନପତ୍ର ଗ୍ରହଣ କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମକର୍ତ୍ତାଙ୍କ ସହିତ ମହିଳା ସ୍ୱାସ୍ଥ୍ୟ କର୍ମୀ ଚିନ୍ମୟୀ ନାଏକ,ଜ୍ୟୋତିର୍ମୟୀ ସାହୁ,ପଲ୍ଲବୀ ସାହୁ,ସିଏଚ ଓ ହୃଦକାନ୍ତି ସୁନା, ଇନ୍ଦିରା ପ୍ରିୟଦର୍ଶିନୀ ସାମନ୍ତରାୟ ଓ ରେବତୀ ଚିତା ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ।

# ମିଲର୍ସ ମର୍ଜିରେ ଉଠୁଛି ଧାନ
# ଟୋକନ୍ ଅଛି, ଟ୍ୟାଗ୍ ନାହିଁ

ପଦ୍ମପୁର/ଦହିତା,୨୦।୨(ସମିସ)

- ମଣ୍ଡିରେ ପଡିଛି ୧୧ଲକ୍ଷ ୮୭ ହଜାର ପ୍ୟାକେଟ ଧାନ
- ୨୮ ସୁଦ୍ଧା ଧାନ ନ ଉଠିଲେ ସରକାରୀ ଅଫିସରେ ଧାନ ପୁରାଇବେ ଚାଷୀ



ପଦ୍ମପୁର ଉପଖଣ୍ଡରେ ମଣ୍ଡି ଖୋଲିବାର ୩ ମାସ ବିତିଯାଇଛି ମାତ୍ର ଏବେ ବି ଚାଷୀ ମଣ୍ଡିରେ ଧାନ ପକାଇ ସେମାନଙ୍କ ଧାନ କେବେ ଉଠିବ ଚିନ୍ତାରେ ପଡିଛନ୍ତି। ଉପଖଣ୍ଡ ଯୋଗାଣ ଅଧିକାରୀ ସନ୍ତୋଷ କୁମାର ପଧାନ କହିବା ଅନୁଯାୟୀ ପର୍ଯାପ୍ତ ଟ୍ୟାଗ୍ ବ୍ୟବସ୍ଥା ଚାଲିଛି।୨/୪ଦିନ ଭିତରେ ବ୍ୟବସ୍ଥାର ସୁଧାର ଆସିବ ମିଲରସ୍‌ଙ୍କୁ ଧାନ ଉଠାଇବା ପାଇଁ ଟ୍ୟାଗ ଦିଆଯିବ। ଅପରପକ୍ଷରେ ଚାଷୀଙ୍କ ଧାନ ଖୋଲା ଆକାଶରେ ପଡିରହିଛି। ଯେଉଁ ମିଲର୍ସଙ୍କ ଟାର୍ଗେଟ ଅଛି ସେମାନେ ମନମୁତାବକ କଟ୍‌ନୀ କରି ଧାନ ଉଠାଉଥିବା ଅଭିଯୋଗ ହେଉଛି।ଏ ସଂପର୍କରେ ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ଯୋଗାଣ ବିଭାଗ ମଧ ହାତ ଟେକି ଦେଇଥିବା ଚାଷୀ ଅଭିଯୋଗ କରିଛନ୍ତି। ମାତ୍ର ଜିଲ୍ଲା ପ୍ରଶାସନ ଠାରୁ ଯୋଗାଣ ମନ୍ତ୍ରୀ ପର୍ଯ୍ୟନ୍ତ ଧାନ କିଣାବିକା ଠିକ୍ ଠାକ୍ ଚାଲିଥିବା କହୁଥିବା ବେଳେ ବାସ୍ତବରେ କିନ୍ତୁ ଏବେ ବି ଚାଷୀ ଧାନ ବିକ୍ରି କରିପାରୁ ନାହିଁ। ଗୋଟିଏ ପଟେ କଟ୍‌ନୀ ଛଟନୀ ପାଇଁ ଚାଷୀ ଅସନ୍ତୁଷ୍ଟ ରହୁଥିବା ବେଳେ ଅନେକ ଚାଷୀ ସେମାନଙ୍କ ଟୋକନ ଅବଧି ଶେଷ ହୋଇଗଲେ ସେମାନେ କରିବେ କଣ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ଚାଷୀଙ୍କ ଟୋକନ ତାରିଖ ଅତିକ୍ରମ କରିଥିବା ବେଳେ ସେମାନେ ପୁଣି ନିର୍ଦ୍ଧାରିତ ୧୫ ଦିନ ବୃଦ୍ଧି କରିଛନ୍ତି ମାତ୍ର ଏ ପର୍ଯ୍ୟନ୍ତ କିଛି ଚାଷୀଙ୍କ ଟୋକନ ଲାପ୍ସ ହୋଇଥିବା ଅଭିଯୋଗ ଆସିଛି। ସେହିପରି କେଉଁ ମଣ୍ଡିରେ କେତେ କୁଇଣ୍ଟାଲ ଧାନ କିଣାଯିବ ତାହା ଯୋଗାଣ ବିଭାଗ ସ୍ଥିର କରୁଛି। ଗୋଟିଏ ମଣ୍ଡିକୁ ଦିନକୁ ମାତ୍ର ୧୫୦ରୁ ୨୦୦କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଦିଆ ହେଉଛି ଯାହାକି ଧାନ ବିକ୍ରିକୁ ମନ୍ଥର କରି ଦେବା ସହିତ କଟନୀ ଛଟନୀକୁ ପ୍ରୋତ୍ସାହନ କରୁଛି।ପଦ୍ମପୁର ବ୍ଲକ୍ ଉପାନ୍ତ ମଣ୍ଡି ଦହିତା, ଦହିଗାଁ, ବୁଡେନ,ଜମଲା, କନସିଂହା ସମେତ ଉପଖଣ୍ଡ ର ପାଇକମାଲ, ଝାରବନ୍ଧ, ଗାଇସିଲେଟ ଅଞ୍ଚଳର ୯୩ଟି ମଣ୍ଡିରେ ଅଚଳାବସ୍ଥା ଦେଖାଯିବା ସହିତ ଧାନ ବିକ୍ରି ହେଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଶୁକ୍ରବାର ଶୁଦ୍ଧା ପଦ୍ମପୁର ଉପଖଣ୍ଡ ୯୩ମଣ୍ଡି ରେ ୧୧ ଲକ୍ଷ ୮୭ ହଜାର ପ୍ୟାକେଟ ଧାନ ପଡି ରହିଥିବା ନିମନ୍ତ୍ରିତ ବଜାର କମିଟିର ସଂପାଦକ ରବି ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି। ସେହିପରି ସର୍ବାଧିକ ପାଇକମାଲ ବ୍ଲକ୍‌ଝିଟିକି ମଣ୍ଡି ରେ ୫୯ ହଜାର ପେକେଟ, ପାଇକମାଲ ରେ ୪୩୦୦୦ପେକେଟ ଧାରୋଲରେ ୩୭୦୦୦, ଲଖମରା ରେ ୩୮ ହଜାର ,ଦହିଗାଁ ରେ ୨୯ ହଜାର ପ୍ୟାକେଟ ଧାନ ପଡି ରହିଛି। ଆଜି ପର୍ଯ୍ୟନ୍ତ ୬୧ହଜାର୪୮୪ ଜଣ ଚାଷୀ ୨୫ ଲକ୍ଷ ୪୨ହଜାର୪୦୯ କୁଇଣ୍ଟାଲ ଧାନ ବିକ୍ରି କରିଥିବା ନିୟନ୍ତ୍ରିତ ବଜାର କମିଟି ସଂପାଦକ ରବି ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି। ରାଜବୋଡାସମ୍ବର କୃଷକ ସଙ୍ଗଠନର ଆଇନପରାମର୍ଶଦାତା ଅଜିତ ଶତପଥୀ କହିଛନ୍ତି ଯେ ଚଳିତ ବର୍ଷ ସବୁଠାରୁ ବଡ ବ୍ୟତିକ୍ରମ ହେଲା ଟୋକନ ସମସ୍ୟା ଓ କଟନୀ ସମସ୍ୟା। ଆଜି ପର୍ଯ୍ୟନ୍ତ ମଧ ଚାଷୀଙ୍କ ଟୋକନ ଆସି ନାହିଁ।ଯେଉଁ ଚାଷୀଙ୍କ ମଧ ଟୋକନ ଆସିଛି ଧାର୍ଯ୍ୟ ଜମି ପରିମାଣରୁ ବହୁତ କମ ଆସିଛି। ଅପରପକ୍ଷରେ ମିଲର୍ସଙ୍କୁ ପ୍ରଶାସନ କିମ୍ବା ସରକାର ତାଗିଦ କରିପାରୁ ନାହାନ୍ତି ,ତେଣୁ ଚାଷୀ ସେମାନଙ୍କ ଅମଳ ଧାନ ବାଧ ହୋଇ ଦଲାଲ ହାତରେ ଟେକି ଦେଉଛନ୍ତି। ଆଗାମୀ ୨୮ ଫେବୃଆରୀ ସୁଦ୍ଧା ଧାନ ନ ଉଠିଲେ ଅଞ୍ଚଳର ଚାଷୀ ସେମାନଙ୍କ ଧାନକୁ ସରକାରୀ କାର୍ଯ୍ୟାଳୟରେ ପୁରାଇବେ ବୋଲି ଧମକ ଦେଇଛନ୍ତି।

# ଅଞ୍ଚଳ ମହାବିଦ୍ୟାଳୟରେ 'ଶାନ୍ତି ଶିକ୍ଷା' ଶୀର୍ଷକ ବକ୍ତୃତାମାଳା




ପଦ୍ମପୁର,୨୦।୨(ସମିସ): ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ପୌରୋହିତ୍ୟ ଓ ସ୍ୱାଗତ ଭାଷଣରେ ମହାବିଦ୍ୟାଳୟର ସ୍ନାତକୋତ୍ତର ଶିକ୍ଷା ବିଭାଗ ଏବଂ ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ପ୍ରକୋଷ୍ଠର ମିଳିତ ଆନୁକୂଲ୍ୟରେ "ଶାନ୍ତି ଶିକ୍ଷା' ଶୀର୍ଷକ ଏକ ବିଶିଷ୍ଟ ଆଭାସୀ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ମିଜୋରାମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଲୋକନାଥ ମିଶ୍ର ଯୋଗଦେଇ ସାମ୍ପ୍ରତିକ ସମାଜରେ ଶାନ୍ତି ଶିକ୍ଷାର ଆବଶ୍ୟକତା ଓ ଏହାର ବିଭିନ୍ନ ଦିଗ ଉପରେ ଗଭୀର ଆଲୋକପାତ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ଦାଶ ନିଜ ଭାଷଣରେ ଶିକ୍ଷାର୍ଥୀଙ୍କ ଜୀବନରେ ମାନବିକ ମୂଲ୍ୟବୋଧ ଓ ଶାନ୍ତିର ଗୁରୁତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡକ୍ଟର ତୁଷାରକାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡକ୍ଟର ସସ୍ମିତା ମେହେର ସମଗ୍ର ଆଲୋଚନାଚକ୍ରକୁ ସୁଚାରୁରୂପେ ସଂଯୋଜନା କରିଥିଲେ।କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଶିକ୍ଷାବିତ୍,ଗବେଷକ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶେଷରେ ଡକ୍ଟର ଭେଙ୍କଟେଶ ମେହେର ସମସ୍ତଙ୍କୁ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁର ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକଙ୍କ ସଂସ୍କୃତ ମହାବିଦ୍ୟାଳୟ ପରିଦର୍ଶନ



ପଦ୍ମପୁର,୨୦।୨(ସମିସ): ରାଜବୋରାସମ୍ବର ବ୍ଲକ୍ ବରିକେଲସ୍ଥିତ ଲାଲାଜୀ ଗୋପାଳଜୀ ସଂସ୍କୃତ ମହାବିଦ୍ୟାଳୟକୁ ସମ୍ବଲପୁର ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡ଼ ମୁରଲୀଧର ମାଝୀ ପରିଦର୍ଶନ ଆସିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ହରେକୃଷ୍ଣ ମିଶ୍ର ତାଙ୍କୁ ଅଭ୍ୟର୍ଥନା ଜ୍ଞାପନ କରି ଶ୍ରେଣୀ ପ୍ରକୋଷ୍ଠ ପରିଦର୍ଶନ କରାଇଥିଲେ। ପରିଦର୍ଶନ ସମୟରେ ଆଂଚଳିକ ନିର୍ଦ୍ଦେଶକ ଡ଼ ମାଝୀ ମହାବିଦ୍ୟାଳୟର ସୁବ୍ୟବସ୍ଥିତ ପାଠପଢା,ଛାତ୍ରଛାତ୍ରୀଙ୍କ ଶୃଙ୍ଖଳିତ ଉପସ୍ଥିତି ଓ କର୍ମଚାରୀଙ୍କ ନିୟମିତତା, ଇପାଠାଗାର ବ୍ୟବସ୍ଥା,ଜଳଯୋଗାଣ,ଶୌଚାଳୟ ପରିଚ୍ଛନ୍ନତା ଓ ମହାବିଦ୍ୟାଳୟର କାଗଜପତ୍ର ତଦାରଖ କରି ପ୍ରଶଂସା କରିଥିଲେ।।

# ବ୍ଲକ୍‌ସ୍ତରୀୟ ପ୍ରବୋଧନ ତାଲିମ ଶିବିର ଉଦ୍‌ଯାପିତ

ବରପାଲି,୨୦।୨(ସମିସ): ବରପାଲି ବ୍ଲକ୍‌ସ୍ତରୀୟ ପଞ୍ଚ ଦିବସୀୟ ପ୍ରବୋଧନ ତାଲିମ ଶିବିର ଲେଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ସମାପନ ହୋଇଯାଇଛି। ଆୟୋଜିତ ଶିବିରଟି ଚାରୋଟି ପଯ୍ୟାୟରେ ପରିଚାଳିତ ହୋଇଥିବା ବେଳେ ବ୍ଲକର ୩୯୧ଜଣ ଶିକ୍ଷକ,ଶିକ୍ଷୟିତ୍ରୀ ପାଞ୍ଚ ଦିନ ଲେଖାଏଁ ତାଲିମ ପ୍ରାପ୍ତ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁକୁନ୍ଦ ମହାରା ଶିବିରକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ନୂତନ ପାଠ୍ୟକ୍ରମ ଆଧାରିତ ନୂତନ ପାଠ୍ୟ ପୁସ୍ତକର ବିଭିନ୍ନ ଦିଗ ଉପରେ ଆରପି ବିକାଶ ପଧାନ,ସୁଜିତ ପଟେଲ, ପୁରୁଷୋତ୍ତମ ସେନାପତି, ମିଥୁନ ସାହୁ ଏବଂ ଅଶୋକ ସାହୁ ପ୍ରଶିକ୍ଷାର୍ଥୀଙ୍କ ସହିତ ଆଲୋଚନା କରିଥିଲେ। ଜାତୀୟ ଶିକ୍ଷା ନୀତି ୨୦୨୦ର ବିଭିନ୍ନ ଦିଗ ତଥା ନୂତନ ପାଠ୍ୟ ପୁସ୍ତକରେ ଥିବା ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। ପରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୁର୍ଯ୍ୟୋଧନ ସିଂହ ତାଲିମ ଶିବିରକୁ ଆସି ନୂତନ ପାଠ୍ୟକ୍ରମର ସଫଳ ରୂପାୟନ କରିବା ପାଇଁ ଗୁରୁତ୍ୱ ଦେଇଥିଲେ। ସମସ୍ତ ପ୍ରଶିକ୍ଷ୍ୟାର୍ଥୀଙ୍କୁ ତାଲିମ କାଯ୍ୟର ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା।ଶେଷରେ ସମସ୍ତ ପଶିକ୍ଷ୍ୟାର୍ଥୀଙ୍କୁ ଧନ୍ୟବାଦ ଜଣାଇ ତାଲିମ ଶିବିରର ପରିସମାପ୍ତି ଘୋଷଣା କରାଗଲା।

# ବରିଷ୍ଠ ଆଇନଜୀବୀ ହାଡୁ ଦାଶଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ବରଗଡ,୨୦।୨(ସମିସ):ବରଗଡ ଜିଲ୍ଲା ଓକିଲ ସଂଘର ବରିଷ୍ଠ ସଦସ୍ୟ ହାଡୁ ଦାଶଙ୍କ ବିୟୋଗରେ ଜିଲ୍ଲା ଓକିଲ ସଂଘରେ ଗଭୀର ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ଦାଶଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜିଲ୍ଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା।ପ୍ରଥମେ ଦିବଂଗତ ଦାଶଙ୍କ ଫଟୋଚିତ୍ରରେ ଓକିଲମାନେ ପୁଷ୍ପାଞ୍ଜଳୀ ଅର୍ପଣ ସହ ଧୂପ ଦୀପ ପ୍ରଦାନ କରିଥିଲେ। ସଭାରେ ଉପସ୍ଥିତ ଆଇନଜୀବି ମାନେ ସ୍ୱର୍ଗତ ଦାଶ ଙ୍କ ଅମାୟିକ ବ୍ୟବହାର , ନିଜର ମହକିଲ ପାଇଁ ଜୀବନର ଶେଷ ସମୟ ଯାଏ ନିରବଚ୍ଛିନ୍ନ ଲଢେଇରେ ସେ ଜଣେ ଆଗ ଧାଡ଼ିର ଓକିଲ ଥିଲେ ବୋଲି ବର୍ଣ୍ଣନା କରିବା ସହ ତାଙ୍କ ବିୟୋଗରେ ସମସ୍ତେ ମର୍ମାହତ ବୋଲି ଅଭିହିତ କରିଥିଲେ। ସଭାରେ ଓକିଲ ସଂଘର ଉପସଭାପତି ହେମନ୍ତ ପୁରୋହିତ, ସମ୍ପାଦକ ଲଲାଟେନ୍ଦୁ ବେହେରାଙ୍କ ସମେତ ବରିଷ୍ଠ ଆଇନଜୀବି ଶିରିଷ ବଲ୍ଲଭ ମିଶ୍ର,ନିଧୁବନ ବିହାରୀ ପ୍ରସାଦ ପଣ୍ଡା, ଶରଦ ପ୍ରଧାନ, ହାରଦିପ ସିଂ,ପ୍ରଦୀପ କୁମାର ମହାପାତ୍ର, ମେଘନାଦ ଭୋଇ ପ୍ରମୁଖଙ୍କ ସହ ସଂଘର ବହୁ ସଦସ୍ୟ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ରେଡ୍‌କ୍ରସ ପାଣ୍ଠିକୁ ଅର୍ଥରାଶି ପ୍ରଦାନ

ପଦ୍ମପୁର,୨୦।୨(ସମିସ): ପଞ୍ଚମ ପଦ୍ମପୁର ଲୋକ ମହୋତ୍ସବ ସମୟରେ ଜନସାଧାରଣଙ୍କ ଯାତାୟତର ଭିଡ଼ କୁ ଶୃଙ୍ଖଳିତ କରିବା ପାଇଁ ଟାଉନ୍ କ୍ଲବ ତରଫରୁ ଯାନବାହାନ ରଖିବା ପାଇଁ ପାର୍କିଂ ବ୍ୟବସ୍ଥା କରାଯାଇଥିଲା ଯାହାକି ୪୦ ହଜାର ଟଙ୍କା ସଂଗୃହୀତ ହୋଇଥିଲା। ସଂଗୃହିତ ପାର୍କିଂ ରାଶିକୁ ରେଡକ୍ରସ ପାଣ୍ଠିକୁ ଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା ତାକୁ ପ୍ରଦାନ କରାଯାଇଛି। ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରଗୁଲାଙ୍କ ଉପସ୍ଥିତିରେ ରେଡକ୍ରସ ପାଣ୍ଠିକୁ ୪୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଚେକ୍ ପ୍ରଦାନ ସମୟରେ ଟାଉନ କ୍ଲବ ସଭାପତି ପ୍ରିତେଶ ବହିଦାର, ଉପସଭାପତି ଅଶୋକ ମିଶ୍ର,ନରେଶ ସୁନ୍ଦର ସାହୁ,ଆଦିତ୍ୟ ରଥ,ହରି ସିଂ,ଅମିତ ଗର୍ଗ,ଅଖିଳ ପଟ୍ଟନାୟକ,ଦୀନେଶ ବାରିକ,ସୋମେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ, ମହିଳା ଆରୋଗ୍ୟ ଓ ଜନଆରୋଗ୍ୟ ସମିତିର ସମ୍ମିଳନୀ



ବରଗଡ଼,୨୦।୨(ସମିସ): ବିଜୁପଟ୍ଟନାୟକ ଟାଉନହଲରେ ଜିଲ୍ଲାସ୍ତରୀୟ ଆଶା,ଗାଁ କଲ୍ୟାଣ ସମିତି ,ମହିଳା ଆରୋଗ୍ୟ ସମିତି ଓ ଜନଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତି ଜିଲ୍ଲାପାଳ ମଧୁଛନ୍ଦା ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଆଶାକର୍ମୀ ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତି ଓ ଜନ ଆରୋଗ୍ୟ ସମିତିମାନଙ୍କର ଗ୍ରାମାଞ୍ଚଳରେ ନିରବଚ୍ଛିନ୍ନ ଭାବରେ ପ୍ରଜନନ, ମାତୃ, ନବଜାତ, ଶିଶୁ ଓ କିଶୋରୀ ସାମ୍ପୁ, ସଂକ୍ରାମକ /ଅଣସଂକ୍ରାମକ ରୋଗ ଜାତୀୟ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ତଥା ପ୍ରାଥମିକ ସେବା ନିରନ୍ତର ଭାବେ ଯୋଗାଇଦେବା ଲାଗି ମୁଖ୍ୟ ଅତିଥି ପ୍ରଶଂସା କରିଥିଲେ। ଜାତୀୟ ମିଶନ୍ ତରଫରୁ ପ୍ରଣୟନ କରାଯାଇଥିବା ମାପଦଣ୍ଡ ଅନୁଯାୟୀ ଗତ ୨୪-୨୫ ଆର୍ଥିକ ବର୍ଷରେ ୧୨ ଗୋଟି ଗାଁ କଲ୍ୟାଣ ସମିତି ୧୪ ଜଣ ଆଶାକର୍ମୀ, ସହିତ ଉପକେନ୍ଦ୍ରସ୍ତରରେ ୧୦ଟି ଜନ ଆରୋଗ୍ୟ ସମିତି, ସହରାଞ୍ଚଳ ସ୍ତରରେ ୩୦ଟି ମହିଳା ଆରୋଗ୍ୟ ସମିତିଙ୍କୁ ସମ୍ମାନ ସେବା କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରାଯାଇଥିଲା। ଜିଲ୍ଲା ସ୍ୱାସ୍ଥସମିତି ପକ୍ଷରୁ ବିଭିନ୍ନ ଗାଁ କଲ୍ୟାଣ ସମିତି ଆଶା ମହିଳା ଜନଆରୋଗ୍ୟ ସମିତି ସେହିପରି ଦୁଇ ଜଣ ଆଶାଙ୍କୁ ମଧ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ସଭାରେ ଜିଲ୍ଲା ପ୍ରକଳ୍ପ ପ୍ରବନ୍ଧକ ବାର୍ଷିକ ବିବରଣୀ ପାଠ କରିଥିଲେ।ଅନ୍ୟ ମାନଙ୍କ ମଧରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ ଅଧିକାରୀ ଡ଼.କୁବେର କୁମାର ମହାନ୍ତ, ଜିଲ୍ଲା ଯକ୍ଷ୍ମା ନିରାକରଣ ଅଧିକାରୀ, ଜିଲ୍ଲା ବିତ ପରିଚାଳକ ଅଧିକାରୀ ପ୍ରମୁଖ ନିଜର ଅଭିଭାଷଣ ଦେଇଥିଲେ। ପରେ ଶିଶୁକଳାକାର ଓ ଆଶା ଦିଦି ମାନଙ୍କଦ୍?ାରା ସାସ୍କୃତିକ କାର୍ଯ୍ୟାକ୍ରମ ଓ ଗୀତ ପରିବେଷଣ କରାଯାଇଥିଲା। "ଉକ୍ତ ସମ୍ମିଳନୀରେ ବରଗଡ଼ ଜିଲ୍ଲାର ସମସ୍ତ ବ୍ଲକସ୍ତରୀୟ, ଆଶା କର୍ମୀ, ଅଙ୍ଗନୱ।ଡିକର୍ମୀ, ଗାଁ କଲ୍ୟାଣ ସମିତିର ସଦସ୍ୟ, ସମସ୍ତ ବିଭିନ୍ନ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।"ପରିଶେଷରେ ଡାକ୍ତର ବିଶ୍ୱଜିତ ଯୋଶୀ ସମସ୍ତ ଅଧିକାରୀ ଓ ସମିତି କର୍ମ କର୍ତ୍ତା ମାନଙ୍କୁ ଧନ୍ୟବାଦ ଦେଇଥିଲେ।

# ସୁଭଦ୍ରା ଶକ୍ତି ମେଳାରେ ଋଣ ମେଳା




ବରଗଡ଼,୨୦।୨(ସମିସ): ବରଗଡ଼ର ସୁଭଦ୍ରା ଶକ୍ତି ମେଳାରେ ସ୍ୱୟଂ ସହାୟକ ଗୋଷ୍ଠୀ ବ୍ୟାଙ୍କ ଋଣ ମେଳା ଆୟୋଜିତ ହୋଇଥିଲା। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା ଉପସ୍ଥିତ ଥିବା ବେଳେ ଜିଲ୍ଲାର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗ ଦେଇଥିଲେ। ୬୮୮ଟି ଗ୍ରୁପକୁ ୩୪.୬୦ କୋଟି ଏବଂ ୮୫ ଜଣଙ୍କୁ ୧ କୋଟି ୧ ଲକ୍ଷ ୪୫ ହଜାର ଟଙ୍କା ଋଣ ଦିଆଯାଇଥିଲା।

# ବାରପାହାଡ଼ ଜଙ୍ଗଲ, ଡେବ୍ରିଗଡ଼ ଅଭୟାରଣ୍ୟରେ ନିଆଁ
# ଗାଁ ମୁହାଁ ବନ୍ୟଜନ୍ତୁ

ଅମ୍ବାଭୋନା,୨୦।୨(ସମିସ)





## ଲିଭାଇବା ପାଇ ଜଙ୍ଗଲ ବିଭାଗ ପକ୍ଷରୁ ଜୋରଦାର ପ୍ରୟାସ

ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ବାରପାହାଡ ଜଙ୍ଗଲ ଓ ଡେବ୍ରିଗଡ ଅଭୟାରଣ୍ୟ ଅଞ୍ଚଳରେ ହଠାତ୍ ଭୟଙ୍କର ନିଆ ଲାଗି ଚାରିଆଡ଼େ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଲାଣି।କିନ୍ତୁ ଜଙ୍ଗଲ ବିଭାଗ ପାଖରେ ଖବର ନାହିଁ। ଜଙ୍ଗଲରେ ଅଗ୍ନିକାଣ୍ଡ ଘଟିବା ଫଳରେ ଆଖପାଖ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି। ଖୁବ୍ ଜୋର୍‌ରେ ପବନ ବହୁଛି ଓ ଶୁଖିଲା ପତ୍ର ଥିବାରୁ ନିଆଁ ଦ୍ରୁତ ଗତିରେ ବ୍ୟାପି ଯାଇଥିବା ସୂଚନା ମିଳିଛି। ଜଙ୍ଗଲ ଅଞ୍ଚଳରେ ନିଆଁ ବ୍ୟାପିବାରୁ ଔଷଧି ଗଛ,ଗୁଳ୍ମ ଓ ବିଭିନ୍ନ ପ୍ରଜାତିର ବୃକ୍ଷଲତା ଜଳି ବ୍ୟାପକ କ୍ଷତି ଘଟିଛି। ଆଜି ଦିନକ ମଧରେ ଶହ ଶହ ଗଛ ଜଳି ନଷ୍ଟ ହୋଇଥିବା ସୂଚନା ମିଳିଥିବା ବେଳେ ପରିବେଶ ପ୍ରେମୀମାନେ ଏହାକୁ ଗୁରୁତର ଚିନ୍ତାର ବିଷୟ ବୋଲି କହିଛନ୍ତି।ବିଶିଷ୍ଟ ପରିବେଶବିତ ତଥା ଡାକ୍ତର ରାମକୃଷ୍ଣ ପୁରୋହିତ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ନିଆଁର ଭୟରେ ବନ୍ୟଜନ୍ତୁ ଜଙ୍ଗଲ ଛାଡ଼ି ଗାଁ ଓ ରାସ୍ତା ମୁହାଁକୁ ଆସୁଥିବା ଦେଖାଯାଇଛି। ସ୍ଥାନୀୟ ଲୋକଙ୍କ ମଧରେ ଭୟଭୀତ ପରିସ୍ଥିତି ସୃଷ୍ଟି ହୋଇଥିବା ସହ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ବିଶେଷ କରି ଡୁଙ୍ଗୁରୀ, ବେହେରା, କୁଶମୁଦା, ବାଂଜିପାଲି ସହ ଲଖନପୁର, ପରୁଆଭାଡି, ତିଲାଇମାଲ,ଖୋଲା,କୁରୁମକେଲ ଓ ଚକ୍ରାମାଳ ଅଞ୍ଚଳର ଜଙ୍ଗଲ ମଧ।ଗ୍ନିକାଣ୍ଡରେ ପ୍ରଭାବିତ ହୋଇଛି। ସନ୍ଧ୍ୟାରେ ବନ ବିଭାଗ ପକ୍ଷରୁ ନିଆଁ ନିର୍ବାପଣ ଯନ୍ତ୍ରପାତି ଓ କର୍ମଚାରୀଙ୍କ ସହଯୋଗରେ ନିଆଁକୁ ନିୟନ୍ତ୍ରଣ କରିବା ପ୍ରୟାସ ଖୁବ୍ ଶୀଘ୍ର ଆରମ୍ଭ ହୋଇ ଅମୂଲ୍ୟ ବୃକ୍ଷଲତାକୁ ନିଆ ଦାଉରୁ ରକ୍ଷା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ତଥାପି ଅନେକ ସ୍ଥାନରେ ଧୂଆଁ ଉଠୁଥିବା ଦେଖାଯାଇଥିବାରୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହେବାକୁ ସମୟ ଲାଗିପାରେ ବୋଲି କୁହାଯାଉଛି। ଘଟଣାର ସଠିକ କାରଣ ସ୍ପଷ୍ଟ ହୋଇନ ଥିବାବେଳେ, ଅସାବଧାନତା କିମ୍ବା ଇଚ୍ଛାକୃତ ଭାବେ ନିଆଁ ଲଗାଇଥିବା ସନ୍ଦେହକୁ ଅସ୍ୱୀକାର କରାଯାଇନାହିଁ। ପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ସତର୍କ ରହିବା ସହିତ ଜଙ୍ଗଲ ଅଞ୍ଚଳକୁ ଅନାବଶ୍ୟକ ଯାତାୟାତ ନ କରିବାକୁ ଅନୁରୋଧ କରାଯାଇଛି।ପରିବେଶ ସୁରକ୍ଷା ଓ ବନ୍ୟଜନ୍ତୁ ସୁରକ୍ଷା ପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗ ଅତ୍ୟାବଶ୍ୟକ ବୋଲି ୱାଇଲ୍ଡ ଲାଇଭ ଡିଏଫଓ ଅଂଶୁ ପ୍ରଜ୍ଞା ଦାସ କହିଛନ୍ତି।

- ସୋହେଲା କପ୍ କ୍ରିକେଟ ପ୍ରତିଯୋଗିତା

# ତୃତୀୟ ଦିବସ; ବରଗଡ଼ ଏବଂ ଏଏଫସିସି ବଲାଙ୍ଗିର ବିଜୟୀ



ସୋହେଲା,୨୦।୨(ସମିସ) ସୋହେଲା ଆଥେଲେଟିକ ଆସୋସିଏସନ ଦ୍ୱାରା ସ୍ଥାନୀୟ ମିନି ଷ୍ଟେଡିୟମରେ ଡ. ରଂଜନ ମହାପାତ୍ରଙ୍କ ସ୍ମୃତିରେ ଚାଲିଥିବା ସୋହେଲା କପ୍ କ୍ରିକେଟ ପ୍ରତିଯୋଗିତାର ଶୁକ୍ରବାର ତୃତୀୟ ଦିବସରେ ଦୁଇଟି ମ୍ୟାଚ ବରଗଡ଼ ବ୍ଲୁ ଡାଇମଣ୍ଡ ଏବଂ ଆୟୋଜକ ସୋହେଲା ଆଥେଲେଟିକ ଆସୋସିଏସନ ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ବରଗଡ଼ ବ୍ଲୁଡାଇମଣ୍ଡ ଦଳ ସୋହେଲାକୁ ୪୨ ରନରେ ପରାସ୍ତ କରିଥିଲା। ବରଗଡ଼ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୮୮ ରନ କରିଥିଲା।ଜବାବରେ ସୋହେଲା ଦଳ ୧୪୬ ରନ କରି ୪୨ରନରେ ପରାସ୍ତ ହୋଇଥିଲେ। ମ୍ୟାଚ୍ ବରଗଡ଼ ଦଳର ସନ୍ଦେଶ ପୂଜାରୀ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ବଲାଙ୍ଗିରର ଦୁଇଟି ଏଏଫସିସି ବଲାଙ୍ଗିର ଏବଂ ୟଙ୍ଗ ଷ୍ଟୁଡେଣ୍ଟ ବଲାଙ୍ଗିର ମଧ୍ୟରେ ଖେଳା ଯାଇଥିଲା। ଏଏଫସିସି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୨୦୧ରନର ବିଶାଳ ଟାର୍ଗେଟ ରଖିଥିଲେ। ଏହାକୁ ପିଛକରି ୟଙ୍ଗ ଷ୍ଟୁଡେଣ୍ଟ ଦଳ ମାତ୍ର ୧୪୭ ରନ କରି ପରାସ୍ତ ହୋଇଥିଲେ।ଏହି ମ୍ୟାଚରେ ବିଜୟୀ ଦଳ ପକ୍ଷରୁ ସିଦ୍ଧେଶ୍ୱର ବାଗ ୬ଟି ଉଇକେଟ ନେଇ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ମ୍ୟାଚ୍‌କୁ ଓସିଏ ଅମ୍ପାୟାର ପ୍ରଦୀପ ଦାସ ଏବଂ ଅନ୍ତର୍ଯ୍ୟାମୀ ପଧାନ, ହନୁ ଅଗ୍ରୱାଲ ପରିଚାଳନା କରିଥିଲେ। ମ୍ୟାଚ୍ ପ୍ରାରମ୍ଭରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଦୁର୍ଗା ପ୍ରସାଦ ସାହୁଙ୍କ ସହ ସୋହେଲା ମାରବାଡ଼ି ଯୁବା ମଞ୍ଚର ସଦସ୍ୟ ଏବଂ ଜୟ ଦୁର୍ଗା ଆସୋସିଏସନର ସଦସ୍ୟମାନେ ଅତିଥି ଭାବେ ଖେଳାଳିଙ୍କ ସହ ହାତମିଳାଇ ଉତ୍ସାହିତ କରିଥିଲେ। ସୋହେଲା ଆଥେଲେଟିକ ଆସୋସିଏସନ ସଭାପତି ସତ୍ୟନାରାୟନ ଦେବତା ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

